## ସଂକ୍ଷେପରେ

### ଛାତ୍ରୀଛାତ୍ରଙ୍କ ପାଠପଢ଼ା ସହ ଉଜ୍ଜ୍ୱଳ ଭବିଷ୍ୟତ କାମନା କଲେ ଅତିଥି

ପଲିଟେକ୍‌ନିକ୍ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ




ମାଲକାନଗିରି,୬।୫ (ଡି.ଏନ.ଏ.)- ମାଲକାନଗିରି ଜିଲା ସଦର ମହକୁମାସ୍ଥିତ ସରକାରୀ ପଲିଟେକ୍ନିକ୍ ମହାବିଦ୍ୟାଳୟର ପ୍ରଥମ ବାର୍ଷିକ ଉତ୍ସବ ଶନିବାର ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ରୂପେ ମାଲକାନଗିରି ଜିଲା ଏସ୍‌ପି ନିତେଶ ୱାଧୱାନି, ସମ୍ମାନିତ ଅତିଥି ରୂପେ ଅତିରିକ୍ତ ଜିଲାପାଳ ମହେଶ୍ୱର ଚନ୍ଦ୍ର ନାୟକ, ଜିଲା କଲ୍ୟାଣ ଅଧିକାରୀ ପ୍ରଫୁଲ୍ଲ ଭୁଜବଳ, ଜିଲା ଶିଳ୍ପ କେନ୍ଦ୍ର ଜେନେରାଲ ମ୍ୟାନେଜର ତରୁଣକାନ୍ତ ମହାନ୍ତି, ଜିଲା ଶ୍ରମ ଅଧିକାରୀ ଶରତ ପାଣିଗ୍ରାହୀ ଉପସ୍ଥିତ ଥିଲେ। ଅତିଥିମାନେ ଛାତ୍ରୀଛାତ୍ରଙ୍କ ପାଠପଢ଼ା ସହ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଏହି ଅବସରରେ ଦୁଇ ଖେଳ ଶିକ୍ଷକ ବବିତା ମହାନ୍ତି, ଜ୍ୟୋଛ୍ନାରାଣୀ ପ୍ରଧାନଙ୍କୁ ପୁରସ୍କୃତ କରାଯାଇଥିଲା। ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସନ୍ଧ୍ୟାରେ ଛାତ୍ରୀଛାତ୍ରମାନେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

### ନିର୍ବାଚନ ପୂର୍ବରୁ ତୃଣମୂଳସ୍ତରରୁ ଦଳକୁ ସୁଦୃଢ଼ କର

କଂଗ୍ରେସର ପ୍ରସ୍ତୁତି ବୈଠକ

ପାପଡ଼ାହାଣ୍ଡି,୬।୫(ଡି.ଏନ୍.ଏ.)- ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ଶହୀଦ ମିନାରରେ ଶନିବାର ବ୍ଲକ କଂଗ୍ରେସ ପକ୍ଷରୁ ଆଗାମୀ ନିର୍ବାଚନ ଓ ବ୍ଲକର ବିଭିନ୍ନ ସମସ୍ୟା ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ସଭାପତି



ଶ୍ରୀକାନ୍ତ ମିଶ୍ରଙ୍କ ଅଧକ୍ଷତାରେ ଜିଲା ମହିଳା ସଭାନେତ୍ରୀ ଏମ୍. ନାଗରତ୍ନମ, ଜିଲା ପରିଷଦ ସଭ୍ୟା ଲିପିକା ମାଝି ପ୍ରମୁଖ ଯୋଗଦେଇଥିଲେ। ଆଗାମୀ ନିର୍ବାଚନରେ ଦଳକୁ କିପରି ତୃଣମୂଳସ୍ତରରୁ ସୁଦୃଢ଼ କରିହେବ ସେ ନେଇ ବୈଠକରେ ଆଲୋଚନା ହୋଇଥିଲା। ବ୍ଲକରେ ଲୋଭୋଲ୍‌ଟେଜ, ପାନୀୟ ଜଳ, ପେନ୍‌ସନ, ରାସ୍ତାଘାଟ ଆଦି ସମସ୍ୟା ରହିଥିବାବେଳେ ପ୍ରଶାସନ ତରଫରୁ ଏଗୁଡିକ ପ୍ରତି ଧ୍ୟାନ ଦିଆଯାଉନାହିଁ। ତେଣୁ ଆଗାମୀ ଦିନରେ ୮ ଦଫା ଦାବି ନେଇ ବିଡିଓଙ୍କୁ ଏକ ଦାବିପତ୍ର ପ୍ରଦାନ ଲାଗି ଆଲୋଚନା ହୋଇଥିଲା। ବୈଠକରେ ଶଶିମୋହନ ଶର୍ମା, ଶେଖ ଅଜୀର ହୁସେନ, ଜି.ଅନନ୍ତ ମୂର୍ତ୍ତି, ଭାସ୍କର ବିଷୋୟୀ, ଗଜେନ୍ଦ୍ର ବିଷୋୟୀ, ଏ. ଶ୍ରୀନିବାସ ରାଓ, ଈଶ୍ୱର ମିର୍ଗାନ, ବିକାଶ ରାଓ ପ୍ରମୁଖ ଉପସ୍ଥିତ ଥିଲେ।

# ୧୦ ଏକର ଜମିରେ ୮ ଫୁଟ୍‌ର ପାଣି

ପାପଡ଼ାହାଣ୍ଡି, ୬।୫(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ପାପଡାହାଣ୍ଡି ବ୍ଲକ ବିରିଗୁଡା ଦେଇ ଯାଇଥିବା ଭାରତମାଳା ରାସ୍ତାରେ ପୋଲ ସ୍ଥାନାନ୍ତର ଯୋଗୁ ୧୦ ଏକର ଜମିରେ ପାଣି ଜମିଛି। କାଳ ବୈଶାଖୀ ବର୍ଷାରେ ବର୍ତମାନ ଜମିରେ ୮ ଫୁଟ ଉଚ୍ଚର ପାଣି ଜମି ରହିଛି। ବର୍ଷା ଦିନେ ଚାଷ ଜମିଗୁଡିକ ସମ୍ପୂର୍ଣ୍ଣ ଜଳ ମଗ୍ନ ହେବା ଆଶଙ୍କା ରହିଛି। ଯାହାକୁ ନେଇ ସ୍ଥାନୀୟ ଅଞ୍ଚଳର ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଚାଷୀମାନେ ପ୍ରସ୍ତାବିତ ସ୍ଥାନରେ ନୂଆ ପୋଲ ନିର୍ମାଣ ନ କରି ପୁରୁଣା କସମମୁଣ୍ଡା କର୍ଲଭଟ ସ୍ଥାନରେ ହିଁ ପୋଲ ତିଆରି କରିବାକୁ ଦାବି କରିଛନ୍ତି।

ସୂଚନା ମୁତାବକ କଷମମୁଣ୍ଡା କୋନାରି ନିକଟରେ ଭାରତମାଳା ଯୋଜନାରେ ନିର୍ମିତ ପୋଲ ଯୋଗୁ ୧୦ ଏକର ଚାଷ ଜମିରେ ବର୍ଷା ପାଣି ଜମି ରହିଛି। ଗତକାଲି ହୋଇଥିବା ଅଳ୍ପ ବର୍ଷାରେ ବିରିଗୁଡା ଅଞ୍ଚଳର କଷମମୁଣ୍ଡା କୋନାରୀ ନିକଟରେ ୧୦ ଏକର ଚାଷ ଜମିରେ ୮ ଫୁଟ ର ପାଣି ମାଡି ଯାଇଛି। ଏହି କଷମମୁଣ୍ଡା କୋନାରୀରେ କୁଶଗୁଡା, ପଲକାଜାମା ଦାମାପାଲା,ତିଳିଆପାଣି, ଚଚରାଗୁଡା ଅଞ୍ଚଳରୁ ବର୍ଷା ପାଣି ଆସି କଷମମୁଣ୍ଡା କୋନାରୀ ହୋଇ ମୋକିଆ ନଦୀରେ ପ୍ରବାହିତ ହୋଇଥାଏ। ପୂର୍ବରୁ ସରକାର ଦ୍ୱାରା ହୋଇଥିବା କର୍ଲଭଟ ଦେଇ ପାଣି ନିଷ୍କାସନ ହୋଇ ଯାଉଥିଲା। ବର୍ତ୍ତମାନ ଭାରତମାଳା ରାସ୍ତା ହେବା ଯୋଗୁ ଏହି ସ୍ଥାନ ଉଚ୍ଚା ହେବା ସହ ପୂର୍ବ କର୍ଲଭଟ ଭାଙ୍ଗି ଦିଆଗଲା। ବର୍ତ୍ତମାନ ପୂର୍ବ ସ୍ଥାନରେ ପୋଲ ନିର୍ମାଣ ନକରି ତାଠାରୁ ଟିକେ ଉଚ୍ଚା ସ୍ଥାନରେ ପୋଲ ତିଆରି କାମ ଆରମ୍ଭ କରାଯାଇଛି। ବର୍ଷା ପାଣି ଜମିଲେ ବିରିଗୁଡା ଓ ଚଚରାଗୁଡା ପ୍ରଧାନମନ୍ତ୍ରୀ ରାସ୍ତା ମଧ୍ୟ ଖରାପ ହେବା ଆଶଙ୍କା ରହିଛି। ଯଦି ବର୍ଷା ପାଣି ନିଷ୍କାସନ ନ ହୁଏ ତେବେ ଚଚରାଗୁଡା ଗାଁରେ ମଧ୍ୟ ପାଣି ପଶିବା ଆଶଙ୍କା ରହିଛି। ପୂର୍ବ କର୍ଲଭଟ ସ୍ଥାନରେ ନୂତନ ପୋଲ ହେଲେ ଚାଷୀ ଉପକୃତ ହେବେ। ନଚେତ ଫସଲ ନଷ୍ଟ ହେବା ଆଶଙ୍କା ରହିଛି ବୋଲି ଗ୍ରାମର ଗୋପୀନାଥ ଗୌଡ଼, ପର୍ଶୁରାମ ଗୌଡ଼, ଗୋବର୍ଦ୍ଧନ ଗୌଡ଼, ମନୋହର ଗୌଡ଼, ଅନନ୍ତରାମ ଗୌଡ଼, ଚକ୍ର ବିଷୋୟୀ, ନର ବିଷୋୟୀ, କମଳ ବିଷୋୟୀ, ଅର୍ଜୁନ ବିଷୋୟୀ, ନରସିଂହ ଗୌଡ଼, ଭୁବନ ଗୌଡ଼, ଦେବରାଜ ଭତରା, ଲକି ଗୌଡ଼, ଡ଼ମ୍ବରୁ ବିଷୋୟୀ, ଘନ ବିଷୋୟୀ, ଜୟରାମ ବିଷୋୟୀ, ଫଗଣୁ ବିଷୋୟୀ କହିଛନ୍ତି।



ଚାଷ ଜମିରେ ଜମି ରହିଥିବା ପାଣି।

## ନିଶା ନିବାରଣ ନେଇ ପଥପ୍ରାନ୍ତ ନାଟକ



କଳାକାରମାନେ ନାଟକ ପରିବେଷଣ କରୁଛନ୍ତି।

ମାଥିଲି, ୬।୫ (ଡି.ଏନ୍.ଏ.)

ମାଲକାନଗିରି ଜିଲା ମାଥିଲି ବ୍ଲକ ସଦର ଗାନ୍ଧିଛକଠାରେ ଶନିବାର ନିଶା ନିବାରଣ ସମ୍ପର୍କିତ ଦେଶିଆ ପଥପ୍ରାନ୍ତ ନାଟକ ପ୍ରଦର୍ଶନ ହୋଇଛି। ଅବକାରୀ ବିଭାଗ ପକ୍ଷରୁ ଆୟୋଜିତ ଏହି ସଚେତନତାମୂଳକ ପଥପ୍ରାନ୍ତ ନାଟକ ଭାରପ୍ରାପ୍ତ ନିରୀକ୍ଷକ ରବୀନ୍ଦ୍ର ପ୍ରଧାନଙ୍କ ତତ୍ତ୍ୱାବଧାନରେ ହୋଇଥିଲା। ଗ୍ରାମାଞ୍ଚଳରେ ଚାଲିଥିବା ଦେଶୀ ରନ୍ଧା ମଦ, ପେଣ୍ଡୁମ, ସଲପ ଆଦି ମାଦକଦ୍ରବ୍ୟ ସେବନ ନ କରିବା ନାଟକର ବାର୍ତ୍ତା ଥିଲା। ଏଥିପାଇଁ ଅନେକ ସଂସାର ଉଜୁଡିଯାଉଥିବାରୁ ଏପରି ମାଦକଦ୍ରବ୍ୟରୁ ଦୂରେଇ ରହିବାକୁ ଜନସାଧାରଣଙ୍କୁ ସଚେତନ କରାଯାଇଥିଲା। ଏହି ସମୟରେ ଦଳପତିଗୁଡ଼ା ପୂର୍ବତନ ସରପଞ୍ଚ ଡମ୍ବୁ ନାୟକଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

## ଜିଲା ବିଜେଡି ପକ୍ଷରୁ ଜୋନ୍‌ସ୍ତରୀୟ କୋଅର୍ଡିନେଟର ବୈଠକ

ମାଲକାନଗିରି,୬।୫ (ଡି.ଏନ.ଏ.)

ମାଲକାନଗିରି ଜିଲା ବିଜୁ ଜନତା ଦଳ ପକ୍ଷରୁ ଶନିବାର ଜିଲା ପରିଷଦ ସଭାଗୃହରେ ଦଳର ଜୋନ୍ କୋର୍ଡିନେଟରମାନଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ବିଜୁ ଜନତା ଦଳର ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କ ନିର୍ଦ୍ଦେଶରେ ହୋଇଥିବା ଏହି ବୈଠକରେ ଜିଲ୍ଲା ସହ ପର୍ଯ୍ୟବେକ୍ଷକ ସିଆମୂଳ ନାୟକ ଓ ବିଜିତ ସିଂହ ଯୋଗଦେଇଥିଲେ। ଜୋନଗୁଡିକରେ କିଭଳି ଦଳୀୟ କାର୍ଯ୍ୟକ୍ରମ ତରାନ୍ୱିତ ହେବ ସେନେଇ ବୈଠକରେ ଆଲୋଚନା ହୋଇଥିଲା । ଏଥିସହ ପ୍ରତ୍ୟେକ ୱାର୍ଡ ସ୍ତରରେ ତିନିଜଣ ସକ୍ରିୟ କର୍ମୀ ଓ ଜଣେ ସକ୍ରିୟ ମହିଳା କର୍ମୀଙ୍କୁ ନେଇ ଟିମ୍ ଗଠନ କରିବା ଲାଗି ବୈଠକରେ ନିଷ୍ପତ୍ତି ହୋଇଥିଲା। ଏନେଇ ସମସ୍ତ ଜୋନ କୋର୍ଡିନେଟର ନିଜ ମତାମତ ଦେଇଥିଲେ । ବୈଠକରେ ଜୋନ୍ କୋର୍ଡିନେଟର ଗୋପାଳ କୃଷ୍ଣ ପଣ୍ଡା, ନୃସିଂହ ଚରଣ ମାହାନ୍ତି, ପ୍ରଭାକାର ପ୍ରଧାନ, ଆଡ଼ମା ରାବା, ଉଦୟନାଥ ମାଡ୍ରି, ବୁନା ରାଓ, ବରିଷ୍ଠ ନେତା ପ୍ରଫୁଲ୍ଲ ପଣ୍ଡା, ହୃଦାନନ୍ଦ ସାହୁ, ଜିଲା ପରିଷଦ ଅଧ୍ୟକ୍ଷା ସମାରୀ ଟାଙ୍ଗୁଲ, ଉପଧ୍ୟକ୍ଷ ପତିତପାବନ ବୌଦ୍ୟ, ବଳି ମାଝୀ, ସତ୍ୟ ପାଣିଗ୍ରାହୀ, ଗୋପୀ ପାଙ୍ଗି, ମଙ୍ଗଳା ପାଙ୍ଗିଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।



ବୈଠକରେ ଉପସ୍ଥିତ ବିଜେଡି ନେତୃବୃନ୍ଦ।

### ପାଣି ପାଇପ ଚାମ୍ବରରେ ପଡ଼ି ଯୁବକ ମୃତ

ଭଞ୍ଜନଗର,୬।୫(ଡି.ଏନ୍.ଏ)

ତାରସିଂ ଥାନା ଅନ୍ତର୍ଗତ ବାହୁକପଲ୍ଲୀ ଗ୍ରାମର ପାଣି ପାଇପ ଲାଇନ ଚାମ୍ବରରେ ପଡି ଶନିବାର ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ସେ ହେଲେ ପଦ୍ମଚରଣ ଅଲତିଆଙ୍କ ପୁଅ କାହ୍ନା ଆଲତିଆ(୨୦)। ପ୍ରକାଶ ଯେ କାହ୍ନାଙ୍କ ପିତା ପଦ୍ମଚରଣ ଗ୍ରାମ୍ୟ ପାଇପ ଜଳଯୋଗାଣ ବିଭାଗରେ କାମ କରନ୍ତି। ଶନିବାର ସକାଳେ ପାଇପ ଲାଇନ ଚାମ୍ବର ଚାବି ଖୋଲିବାକୁ କାହ୍ନା ଯାଇଥିଲା। କାହ୍ନାଙ୍କ କିଛି ରୋଗ ଥିବା ଯୋଗୁ ଚାବି ଖୋଲିବା ସମୟରେ ସେଠାରେ ସେ ପଡିଯାଇଥିଲେ। ଦୁଇ ଘଣ୍ଟା ପରେ ପରିବାର ଲୋକେ ଜାଣି ତାଙ୍କୁ ଉଦ୍ଧାର କରି ଭଞ୍ଜନଗର ହସ୍ପିଟାଲକୁ ଆଣିଥିଲେ। ମେଡିକାଲରେ ଡାକ୍ତର ମୃତ ଘୋଷଣା କରିଥିଲେ।

### ସାନଭାଇ ଆକ୍ରମଣରେ ବଡ଼ଭାଇ ଗୁରୁତର

ଦିଗପହଣ୍ଡି,୬।୫(ଡି.ଏନ୍.ଏ)

ଦିଗପହଣ୍ଡି ବ୍ଲକ ଫାସିଗୁଡା ଗ୍ରାମରେ ସାନଭାଇର ଆକ୍ରମଣରେ ବଡଭାଇ ଗୁରୁତର ହୋଇଥିବା ଅଭିଯୋଗ ଆସିଛି। ଗୁରୁବାର ସନ୍ଧ୍ୟାରେ ଗ୍ରାମର ନଟବର ପ୍ରଧାନ ଘରେ ଥିବାବେଳେ ପାରିବାରିକ ଶତ୍ରୁତାକୁ କେନ୍ଦ୍ର କରି ସାନଭାଇ ନକୁଳ ଗାଳିଗୁଲଜ କରିବା ସହ ଏକ ଧାରୁଆ ଅସ୍ତ୍ରରେ ତାଙ୍କୁ ଆକ୍ରମଣ କରିଥିଲେ। ଗୁରୁତର ନଟବରଙ୍କୁ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇ ଚିକିତ୍ସିତ କରାଯାଇଥିଲା।

## ଫେରାର ହତ୍ୟା ଅଭିଯୁକ୍ତ ଗିରଫ

ଉମରକୋଟ, ୬।୫(ସ୍ୱ.ପ୍ର.)



ଜଣେ ଫେରାର ହତ୍ୟା ଅଭିଯୁକ୍ତଙ୍କୁ ଉମରକୋଟ ପୋଲିସ ଗଞ୍ଜାମ ଜିଲା ହିଞ୍ଜିଳିକାଟୁ ଥାନା ଅଧୀନ ରାମଚନ୍ଦ୍ରପୁର ଗ୍ରାମରୁ ଗିରଫ କରିଛି। ସେ ହେଲେ ଉମରକୋଟ ସହରର ଝରିଗାଁ ରୋଡ୍ ସାହିର ଚନ୍ଦନ ବେହେରା। ତାଙ୍କ ନାମରେ ବଡ଼ବାପା ସନାତନ ବେହେରାଙ୍କୁ ହତ୍ୟା ଅଭିଯୋଗ ରହିଥିଲା। ସେ ଦେଢ଼ବର୍ଷ ଧରି ଫେରାର ଥିଲେ।

ସୂଚନାନୁଯାୟୀ ୨୬ ଜାନୁୟାରୀ ୨୦୨୨ରେ ଚନ୍ଦନଙ୍କ ବାପା ପେଣ୍ଡ୍ରା ଓ ବଡ଼ବାପା ସନାତନଙ୍କ ମଧ୍ୟରେ କୌଣସି କାରଣରୁ ବଚସା ହୋଇଥିଲା। ଏହାପରେ ପେଣ୍ଡ୍ରା ସାନପୁଅଙ୍କ ସହ ମିଶି ଭାଇ ସନାତନ, ଭାଉଜ ଖୁନ୍ନୁ, ପୁତୁରା ପ୍ରଶାନ୍ତ, ପୁତୁରା ବୋହୂ ରେଣୁପ୍ରଭାଙ୍କ ହାତ ଜୋର କରି ଧରିଥିଲେ। ପରେ ଚନ୍ଦନ ଏକ ଷ୍ଟିଲ୍ ପାଇପରେ ସନତନ ଓ ତାଙ୍କ ପରିବାରର ଅନ୍ୟମାନଙ୍କୁ ଆକ୍ରମଣ କରିଥିଲେ। ଏଥିରେ ସମସ୍ତେ ଗୁରୁତର ହୋଇଥିଲେ। ସନାତନଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିବାରୁ ୨୮ରେ କୋରାପୁଟ ମେଡିକାଲ କଲେଜରୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରିବାବେଳେ ବାଟରେ ତାଙ୍କର ମୃତ୍ୟୁ ହୋଇଥିଲା। ୨୭ରେ ସନାତନଙ୍କ ବୋହୂ ଉମରକୋଟ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ପେଣ୍ଡ୍ରାଙ୍କୁ ଗିରଫ କରିଥିଲେ। ସେ ଏବେ ଜେଲରେ ଅଛନ୍ତି। ସାନପୁଅ ନାବାଳକ ଥିବାରୁ ସେ ଏବେ ବାହାରେ ଅଛନ୍ତି। କିନ୍ତୁ ଘଟଣା ଦିନଠାରୁ ଚନ୍ଦନ ଫେରାର ଥିଲେ। ଚନ୍ଦନ ଗଞ୍ଜାମ ଜିଲାର କୁକୁଡ଼ାଖଣ୍ଡି ଥାନା ଅଧୀନ ରାମଚନ୍ଦ୍ରପୁରରେ ସମ୍ପର୍କୀୟଙ୍କ ଘରେ ଥିବା ଖବରପାଇ ଉମରକୋଟ ଥାନାଧିକାରୀ ଗୋବିନ୍ଦ ଚନ୍ଦ୍ର ବୁରୁଦା ଏସ୍‌ଆଇ ଅକ୍ଷୟ ମିଶ୍ର, ଏଏସ୍‌ଆଇ ରାମ ବେହେରା, ଗଣପତି ମାଝି, ସନ୍ତୋଷ ଦାସଙ୍କୁ ସେଠାକୁ ପଠାଇଥିଲେ। ଉମରକୋଟ ପୋଲିସ ସେଠାରୁ ଚନ୍ଦନଙ୍କୁ ଗିରଫକରି କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ହେବା ପରେ ତାଙ୍କୁ ଜେଲକୁ ପଠାଇ ଦିଆଯାଇଛି। ଅଭିଯୁକ୍ତ ଚନ୍ଦନଙ୍କୁ ଯେଉଁ ସମ୍ପର୍କୀୟମାନେ ଆଶ୍ରୟ ଦେଇଥିଲେ ସେମାନଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନେବାକୁ ଗଞ୍ଜାମ ଓ ନବରଙ୍ଗପୁର ଏସ୍‌ପିଙ୍କ ନିକଟରେ ଦାବି ଜଣାଇବେ ବୋଲି ମୃତକଙ୍କ ବୋହୂ କହିଛନ୍ତି।

## ରଥଯାତ୍ରା ନେଇ ପ୍ରସ୍ତୁତି ବୈଠକ

ଜୟପୁର,୬।୫ (ନି.ପ୍ର.)

ଜୟପୁରର ଐତିହାସିକ ରଥଯାତ୍ରା ପାଳନ ନେଇ ପୌରପାଳିକା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତିଙ୍କ ଅଧକ୍ଷତାରେ ହୋଇଥିବା ଏହି ପ୍ରସ୍ତୁତି ବୈଠକରେ ଉପଜିଲାପାଳ, ବେଦବର ପ୍ରଧାନ, ପୌରାଧକ୍ଷ ନରେନ୍ଦ୍ର ମହାନ୍ତି, ତହସିଲଦାର ସାଗରିକା ଷଡଙ୍ଗୀ, କାର୍ଯ୍ୟନିର୍ବାହୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ବୈଠକରେ ରଥର ମାନ ଅନୁଧ୍ୟାନ କରି ରିପୋର୍ଟ ଦେବାକୁ ରାସ୍ତା ଓ କୋଠବାଡ଼ି ନିର୍ମାଣ ଯନ୍ତ୍ରୀଙ୍କୁ କୁହାଯାଇଥିଲା। ଉକ୍ତ ଦିନ ଠାକୁରଙ୍କ ରଥକୁ ଟାଣିବା ପାଇଁ ୨ଟି ନୂତନ ରଶି ଯୋଗାଇ ଦେବାକୁ ତହସିଲଦାରଙ୍କୁ କୁହାଯାଇଥିଲା। ଯାନବାହନ ନିୟନ୍ତ୍ରଣ ଓ ଆଇନ ଶୃଙ୍ଖଳା ରକ୍ଷା ଲାଗି ଟାଉନ ଥାନା ଅଧିକାରୀଙ୍କୁ ଅବଗତ କରାଯାଇଥିଲା। ଉକ୍ତ ଦିନ ୪ଚକିଆ ଯାନକୁ ଟାଉନ ଭିତରକୁ ନ ଛାଡିବାକୁ ନୁରୋଧ କରାଯାଇଥିଲା। ଜନସମାଗମକୁ ଦୃଷ୍ଟିରେ ରଖି ଚଳିତବର୍ଷ ୪ଟି ଆସ୍କା ଲାଇଟ, ୨ଟି ଜେନେରେଟର, ୬ଟି ହାଲୋଜିନ ଲାଇଟ ଓ ରଥଯାତ୍ରା ପୂର୍ବରୁ ୧୦ଟି ଫୋକସ ଲାଇଟ ଲଗାଇବାକୁ ନିଷ୍ପତ୍ତି ହୋଇଥିଲା। ରଥ ଉପରେ ୨୦ରୁ ୨୫ ଜଣ ଦଇତାପତି ରହିବେ,୫ ଦିନ ପୂର୍ବରୁ ସମସ୍ତ ମଦ ଦୋକାନ ବନ୍ଦ ରଖିବାକୁ ଅବକାରୀ ବିଭାଗକୁ ଅନୁରୋଧ କରାଯାଇଥିଲା। ସେହିପରି ୪ଟି ଜାଗାରେ ପାଣି ଟ୍ୟାଙ୍କ ଓ ୪ ଜଣ କର୍ମଚାରୀ ନିୟୋଜିତ କରିବାକୁ ପିଏଚଡିର ସହକାରୀ ଯନ୍ତ୍ରୀଙ୍କୁ ବୈଠକରେ ନିର୍ଦ୍ଦେଶ ହୋଇଥିଲା। ପ୍ରତିବର୍ଷ ଭଳି ଚଳିତବର୍ଷ ମଧ୍ୟ ଜଗନ୍ନାଥଙ୍କ ଭଜନ ସମାରୋହ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହେବାକୁ ନିଷ୍ପତ୍ତି ହୋଇଥିଲା। ବୈଠକରେ ଅନ୍ୟାନ୍ୟ ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଯଶୋଦା ଗାଦବା, ଜଗନ୍ନାଥ ସେବା ସମିତି ସମ୍ପାଦକ କୃଷ୍ଣଚନ୍ଦ୍ର ଦାସଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।



ପ୍ରସ୍ତୁତି ବୈଠକରେ ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି ଓ ଅନ୍ୟମାନେ ।

## ସେମିଲିଗୁଡା କଲେଜରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କୁଳପତି

ସେମିଲିଗୁଡା/ସୁନାବେଡା,୬।୫ ( ସ୍ୱ.ପ୍ର.)

ବ୍ରହ୍ମପୁର ବିଶ୍ୱ ବିଦ୍ୟାଳୟର କୁଳପତି ପ୍ରଫେସର ଗୀତାଞ୍ଜଳି ଦାସ ଶନିବାର ସେମିଲିଗୁଡା ମହାବିଦ୍ୟାଳୟ ପରିଦର୍ଶନ କରିଛନ୍ତି। ତାଙ୍କୁ ଛାତ୍ରୀଛାତ୍ରଙ୍କ ପକ୍ଷରୁ ସ୍ୱାଗତ କରାଯାଇଥିଲା। ମହାବିଦ୍ୟାଳୟର ଅଧ୍ୟକ୍ଷ ନୀଳାଞ୍ଚଳ ଆଚାର୍ଯ୍ୟ ଏବଂ ଅଧ୍ୟାପିକା ଅଧ୍ୟାପକଙ୍କ ସହ ସେ ମହାବିଦ୍ୟାଳୟର ଶୈକ୍ଷିକ ତଥା ଭିତ୍ତିଭୂମିର ବିକାଶ ସମ୍ପର୍କରେ ଆଲୋଚନା କରିଥିଲେ। ମହାବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ବିଶ୍ୱ ବିଦ୍ୟାଳୟସ୍ତରୀୟ କ୍ରୀଡା କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ପାଇଁ ସେମାନଙ୍କୁ ପ୍ରଶଂସା କରିଥିଲେ। ଏହି ଅବସରରେ ଏନ୍‌ଏସ୍‌ଏସ୍‌ର ଆଞ୍ଚଳିକ ନିର୍ଦ୍ଦେଶିକା ସରିତା ପଟେଲ, ଉପନିର୍ଦ୍ଦେଶକ ଡ. ରମେଶ ବେହେରା, ଏନ ଏସ୍‌ଏସ୍ କାର୍ଯ୍ୟକ୍ରମ ଅଧିକାରୀ ଶିବାଶିଷ ପଟ୍ଟନାୟକ ଏବଂ ବାସନ୍ତୀଶ୍ରୀଙ୍କ ସହିତ ଆଲୋଚନା କରିଥିଲେ। ଏହି ଅବସରରେ ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅଧ୍ୟକ୍ଷଙ୍କ ଅନୁରୋଧରେ ଡ ଝାଁସି ସିଂହଙ୍କ ସହାୟତାରେ ଅତିଥିମାନେ ପର୍ଯ୍ୟଟନ ସ୍ଥଳୀ ଦେଓମାଳି, ଉପାନ୍ତ କୋଟିଆ ଏବଂ ନନ୍ଦପୁର ନିକଟସ୍ଥ ରାଣୀ ଡୁଡୁମା ଅଞ୍ଚଳ ପରିଦର୍ଶନ କରିଥିଲେ।



କୁଳପତି ପ୍ରଫେସର ଗୀତାଞ୍ଜଳି ଦାସଙ୍କୁ ସ୍ୱାଗତ କରାଯାଉଛି।

## ନଗର ଉନ୍ନୟନର ଦିବ୍ୟଦ୍ରଷ୍ଟା ଥିଲେ କୃଷ୍ଣଚନ୍ଦ୍ର ବକ୍ସିପାତ୍ର

ରାୟଗଡ଼ା ଅଫିସ,୬।୫

ନଗର ଉନ୍ନୟନରସେ ଥିଲେ ଦିବ୍ୟଦ୍ରଷ୍ଟା। ସ୍ୱାଧୀନତା ସଂଗ୍ରାମରେ ସ୍ୱର୍ଗତ କୃଷ୍ଣଚନ୍ଦ୍ର ବକ୍ସିପାତ୍ରଙ୍କ ଭୂମିକା ଉଲ୍ଲେଖନୀୟ ରହିଥିଲା। ରାୟଗଡ଼ା ପୌର ପରିଷଦର ସେ ପ୍ରଥମ ଅଧକ୍ଷ ହୋଇ ପାରିଥିଲେ। ସ୍ୱାଧୀନତା ସଂଗ୍ରାମୀ ଓ ଉତ୍କଳ ସମ୍ମିଳନୀର ଅନ୍ୟତମ ପୁରୋଧା କୃଷ୍ଣଚନ୍ଦ୍ର ବକ୍ସିପାତ୍ରଙ୍କ ୯୭ତମ ଜନ୍ମ ଜୟନ୍ତୀ ସମାରୋହରେ ଯୋଗଦେଇ ଅତିଥିମାନେ ଏଭଳି ମତବ୍ୟକ୍ତ କରିଛନ୍ତି। କୃଷ୍ଣଚନ୍ଦ୍ର ନଗର ଭବନରେ ରାୟଗଡ଼ା କୃଷ୍ଣଚନ୍ଦ୍ର ବକ୍ସିପାତ୍ର ସ୍ମୃତି କମିଟି ସଭାପତି ଗୋପୀନାଥ ସାହୁଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାର ଉପଦେଷ୍ଟା ସୁଧୀର ଦାସ, ପୌରାଧକ୍ଷ ମହେଶ ପଟ୍ଟନାୟକ ଉପସ୍ଥିତ ଥିଲେ। ମୁଖ୍ୟବକ୍ତାଭାବେ ପଞ୍ଚବଟୀର ସମ୍ପାଦକ ସୁଶାନ୍ତ ନାୟକ ଉପସ୍ଥିତ ଥିଲେ। ଐତିହାସିକ ଶ୍ରୀରଙ୍ଗ ନାୟକ, ସାହିତ୍ୟିକ ତଥା ଜନଜାତି ଗବେଷକ ଦ୍ୱିତୀଚନ୍ଦ୍ର ସାହୁ, ଅବସରପ୍ରାପ୍ତ ପ୍ରାଧ୍ୟାପକ ତଥା କୃଷ୍ଣଚନ୍ଦ୍ର ବକ୍ସିପାତ୍ରଙ୍କ ପୁତ୍ର ଡ ନିରଞ୍ଜନ ବକ୍ସିପାତ୍ର ମଞ୍ଚାସୀନ ଥିଲେ। ନଗର ଭବନ ନିକଟରେ ଥିବା କୃଷ୍ଣଚନ୍ଦ୍ର ବକ୍ସିପାତ୍ରଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ସାହିତ୍ୟ, ସଂସ୍କୃତି ଓ ଗବେଷଣା କ୍ଷେତ୍ରରେ ଉଲ୍ଲେଖନୀୟ ଯୋଗଦାନ ପାଇଁ ଗବେଷକ ଶ୍ରୀରଙ୍ଗ ନାୟକ, କବି ସୁଶାନ୍ତ ନାୟକ ଓ କଥାଶିଳ୍ପି ଦ୍ୱିତୀଚନ୍ଦ୍ର ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଅରୁଣ ପାଣିଗ୍ରାହୀ, ରବି ଶତପଥୀ, ବିପିନ ବିଶ୍ୱାଳ ପ୍ରମୁଖ ମାନପତ୍ର ପାଠ କରିଥିଲେ। ଦେବାଶିଷ ଖାଡ଼ଙ୍ଗା, ଜଗଦୀଶ ପଣ୍ଡା, ରଜତ ଖଟୁଆ ପ୍ରମୁଖ ଏଥିରେ ସହଯୋଗ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୌରଉପାଧକ୍ଷ ଶୁଭ୍ରା ପଣ୍ଡା, ରାୟଗଡ଼ା ମହାବିଦ୍ୟାଳର ଅଧକ୍ଷ ପ୍ରସନ୍ନ ଗନ୍ତାୟତ, ଏସ.ଏନ. ତ୍ରିପାଠୀ, ବିନୋଦ ପଣ୍ଡା, ସତ୍ୟବାଦୀ ପତି, ଚନ୍ଦ୍ରଶେଖର ପାତ୍ର, ସନ୍ତୋଷ ପାତ୍ର, ରାମଚନ୍ଦ୍ର ପାଢ଼ୀ, ଅରୁଣ ପାଣିଗ୍ରାହୀ, ସଚ୍ଚିଦାନନ୍ଦ ଖାଡ଼ଙ୍ଗା, ରବି ମହାପାତ୍ର, ମଞ୍ଜୁଶ୍ରୀ ମୁଖାର୍ଜୀ, ସୁନୀଲ କର, ଆଇନଜୀବୀ ଲାବଣ୍ୟ ମୋହନ ପଟ୍ଟନାୟକ, ସତ୍ୟ ନାରାୟଣ ପାଢ଼ୀ, ଅଶୋକ ପଣ୍ଡା, ହରିଶ୍ଚନ୍ଦ୍ର ପାଢ଼ୀ, ଦେବଦତ୍ତ ନନ୍ଦ, ପ୍ରଣତି ପାତ୍ର, ସୁନୀଲ ପଣ୍ଡା, ପ୍ରଭାକର ମିଶ୍ର, ତ୍ରିବେଣୀ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।



କୃଷ୍ଣଚନ୍ଦ୍ର ବକ୍ସିପାତ୍ରଙ୍କ ଜୟନ୍ତୀ ସମାରୋହରେ ଅତିଥି ଉଦ୍‌ବୋଧନ ଦେଉଛନ୍ତି।

## ସପ୍ତାହେ ନ ପୂରୁଣୁ ରାସ୍ତାରୁ ଉଠିଲାଣି ପିଚୁ

ଚନ୍ଦାହାଣ୍ଡି, ୬।୫(ଡି.ଏନ୍.ଏ.)

**ଭତାଝରେ-ଧୁରୁଆପଡ଼ା ରାସ୍ତାକାମ ନିମ୍ନମାନର ଅଭିଯୋଗ**

ଗ୍ରାମାଞ୍ଚଳରେ ଯାତାୟାତକୁ ସୁଗମ କରିବା ଲକ୍ଷ୍ୟରେ ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ ଭତାଝରରୁ ଧୁରୁଆପଡ଼ା ରାସ୍ତାକୁ ଏସ୍‌ଆର ଫଣ୍ଡରେ ସଡ଼କ ଯୋଜନାରେ ସାମିଲ କରି ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ ପକ୍କା ସଡକ ତିଆରି ହେଲା। ଟଙ୍କା ପାଣି ପରି ଖର୍ଚ୍ଚ ହେଉ ଥିବାବେଳେ ଠିକାଦାର ଓ ବିଭାଗୀୟ ଅଧିକାରୀଙ୍କ ଅସାଧୁ ମେଣ୍ଟ ଯୋଗୁ ଏହି ଯୋଜନା ବିଫଳ ହେବାକୁ ବସିଛି। ରାସ୍ତା ନିର୍ମାଣର ସପ୍ତାହକ ମଧ୍ୟରେ ଏଥିରୁ ପିଚୁ ଉଠୁଛି। ଶନିବାର ଉକ୍ତ ରାସ୍ତା ପରିଦର୍ଶନରେ ପୂର୍ବତନ ଏମ୍‌ପି ତଥା ରାଜ୍ୟ ଭାଜପା ଉପ ସଭାପତି ବଳଭଦ୍ର ମାଝି ଯାଇଥିଲେ। ସେ ରାସ୍ତା ଦେଖି କ୍ଷୋଭ ପ୍ରକାଶ ସହ ବିଭାଗୀୟ ନିର୍ବାହୀ ଯନ୍ତ୍ରୀ ଅନ୍ତୋନୀ କିଷାନଙ୍କୁ ଏ ସମ୍ପର୍କରେ ପଚାରି ବୁଝିଥିଲେ। ତୁରନ୍ତ ମରାମତି କରିବାକୁ ତାଙ୍କୁ ତାଗିଦ କରାଯାଇଛି।

ଭତାଝରରୁ ଧୁରୁଆପଡ଼ା ୬.୪୫୦ କି.ମି. ରାସ୍ତା ପାଇଁ ପ୍ରଥମ ପର୍ଯ୍ୟାୟରେ ୧ କୋଟି ୫୮ ଲକ୍ଷ ଟଙ୍କା କେବଳ ମେଟାଲ ମୋରମ ପାଇଁ ବ୍ୟୟ କରାଯାଇଛି । କିନ୍ତୁ ରାସ୍ତାରେ ନିମ୍ନମାନର ଓଭର ସାଇଜର ମେଟାଲ ବ୍ୟବହାର କରାଯାଇଥିବା ଅଭିଯୋଗ ହୋଇଛି। ଦ୍ୱିତୀୟ ପର୍ଯ୍ୟାୟର ଠିକାଦାରଙ୍କୁ ସନ୍ତୁଷ୍ଟ କରିବା ପାଇଁ ଉକ୍ତ ରାସ୍ତା ଉପରେ୨ କି.ମି.କୁ ୫୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାରେ ପିଚୁ କରାଯାଇଛି। ଉକ୍ତ କାର୍ଯ୍ୟର ବୋର୍ଡ ମଧ୍ୟ ଲଗାଯାଇ ନାହିଁ। ଏହି କାମ ନୂଆପଡ଼ା ଜିଲାର ଜଣେ ଠିକାଦାରଙ୍କ ନାମରେ ଥିବାବେଳେ ତାହକୁ ଚନ୍ଦାହାଣ୍ଡିର ଜଣେ ପେଟି କଣ୍ଟ୍ରାକ୍ଟର କରୁଛନ୍ତି। ଏହି ରାସ୍ତାରେ ଏତେ ନିମ୍ନମାନର କାମ କରାଯାଇଛି ଯେ ହାତରେ ଘଷିଦେଲେ ସେଥିରୁ ପିଚୁ ଛାଡ଼ିଯାଉଛି। ସପ୍ତାହେ ନ ପୂରୁଣୁ ରାସ୍ତା ଉପରେ ଘାସ ଉଠିବା ସହ ତାହା ଖରାପ ହୋଇଗଲାଣି । ପିଚୁ ହେବା ପୂର୍ବରୁ ପ୍ରତି ୧ କି.ମି. ଟ୍ରାକକୋଟରେ ୭ ଡ୍ରମ ଆମ୍ଳେସିନ ଅଏଲ ପକାଇବା ନିୟମ ଥିବାବେଳେ ଉକ୍ତ ରାସ୍ତାରେ ମାତ୍ର ୧ ଡ୍ରମ ଆମ୍ଳେସିନ ଅଏଲ ବ୍ୟବହାର କରାଯାଇଥିବା ଅଭିଯୋଗ ହୋଇଛି। ଏ ନେଇ ନିର୍ବାହୀ ଯନ୍ତ୍ରୀ ଅନ୍ତୋନୀ କିଷାନଙ୍କୁ ପଚାରିବାରୁ ଉକ୍ତ ରାସ୍ତା ଖରାପ ହୋଇଥିବା ସେ ସ୍ୱୀକାର କରିଛନ୍ତି। ଶୀଘ୍ର ମରାମତି କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ରାସ୍ତା କାମ କରୁଥିବା ଠିକାଦାରଙ୍କ ବିଭାଗୀୟ ଅଧିକାରୀ ହାତବାରିଶି ସାଜିଛନ୍ତି। ଚନ୍ଦାହାଣ୍ଡି ବ୍ଲକରେ ବିଭିନ୍ନ ନିର୍ମାଣ କାମରେ ଦୁର୍ନୀତି ସୀମା ଟପିଯାଇଥିବା ବେଳେ ଏଠି ଲୋକ ପ୍ରତିନିଧିମାନେ ହାତ ବାନ୍ଧି ବସିଛନ୍ତି ବୋଲି ବୁଦ୍ଧିଜୀବୀ କହିଛନ୍ତି। ଏହା ଏମ୍‌ପି ରମେଶ ମାଝି ଓ ବିଧାୟକ ପ୍ରକାଶ ମାଝିଙ୍କ ନିଜ ବ୍ଲକ। ନିଜେ ଜିଲା ଭିଜିଲାନ୍ସ ମନିଟରିଂ କମିଟିରେ ଅଛନ୍ତି। ନିମ୍ନମାନ କାମର ଭିଜିଲାନ୍ସ ତଦନ୍ତ କରାଇବାକୁ ଦାବି ହୋଇଛି।



## ସଂକ୍ଷେପରେ

### ୯ରେ ସିପିଆଇର ବିକ୍ଷୋଭ

ଜୟପୁର, ୬।୫ (ନି.ପ୍ର.)-ଆସନ୍ତା ୯ ତାରିଖରେ କଂଗ୍ରେସ ଦେଇଥିବା ବନ୍ଦ ଡକରାକୁ ଭାରତୀୟ କମ୍ୟୁନିଷ୍ଟ ପାର୍ଟି (ସିପିଆଇ)କୋରାପୁଟ ଜିଲା ପରିଷଦ ସମର୍ଥନ କରିବ ବୋଲି ଜିଲା ସମ୍ପାଦକ ଯୁଧିଷ୍ଠିର ରାଉଳ କହିଛନ୍ତି । ଏହି ବନ୍ଦ ଡାକାରେ ସିପିଆଇ କୋଟିଆରେ ଆନ୍ଧ୍ର ପ୍ରଦେଶର ନେତା, ମନ୍ତ୍ରୀଙ୍କ ଅନୁପ୍ରବେଶ, ଜୟପୁରଠାରେ କୁସ୍ତି ଯୋଦ୍ଧା ପାଇଁ ସେଣ୍ଟର କରିବା, କେନ୍ଦ୍ରୀୟ ବିଦ୍ୟାଳୟ ପ୍ରତିଷ୍ଠା କରିବା, ଡ୍ରାଇଭିଂ ଟ୍ରେନିଂ ସେଣ୍ଟର ଖୋଲିବା, ଜୟପୁରରେ ଆରଟିଓ ଶାଖା କାର୍ଯ୍ୟାଳୟ ଖୋଲି ଡ୍ରାଇଭିଂ ଲାଇସେନସ ଏବଂ ମାଲିକଙ୍କ ନାମ ପରିବର୍ତ୍ତନ ବ୍ୟବସ୍ଥା କରିବା, ଜୟପୁର କାଗଜ କଳକୁ ପୁନଃ କାର୍ଯ୍ୟକ୍ଷମ କରିବା କାର୍ଯ୍ୟରତ ଶ୍ରମିକମାନଙ୍କୁ ପ୍ରତି ମାସରେ ପୁରା ଦରମା ଦେବା ଆଦିକୁ ସିପିଆଇ ପ୍ରସଙ୍ଗ କରିବ ବୋଲି ଜଣାପଡିଛି।

### ଚୋରି ମାମଲାରେ ଜଣେ ଗିରଫ

ଜୟପୁର, ୬।୫ (ନି.ପ୍ର.)- ଚୋରି ମାମଲାରେ ଜଣେ ଅଭିଯୁକ୍ତଙ୍କୁ ଶନିବାର ଜୟପୁର ଟାଉନଥାନା ପୋଲିସ ଗିରଫ କରିଛି। ସେ ହେଲେ ବ୍ଲକ କଲୋନୀର ଶିବ ମୁଦୁଲି (୧୯) । ବ୍ଲକ କୋଲନୀରେ ରହୁଥିବା ମନୋଜ ବାରିକ ଘର ତାଲା ପକାଇ ବାହାରକୁ ଯାଇଥିବା ବେଳେ କେତେକ ଦୁର୍ବୃତ୍ତ ଘର ତାଲା ଭାଙ୍ଗି ୩୫ ହଜାର ଟଙ୍କା ଚୋରି କରି ନେଇଥିଲେ। ଏନେଇ ଟାଉନ ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ଏଥିରେ ଶିବ ସମ୍ପୃକ୍ତ ଥିବା ଜାଣି ତାଙ୍କୁ ଗିରଫ କରିଥିଲା। ତାଙ୍କଠାରୁ ଚୋରି ୩୦ ହଜାର ଟଙ୍କା ଜବତ ହୋଇଥିବା ପୋଲିସ କହିଛି।

### କ୍ଷତିପୂରଣ ପାଇଲେ ଅସହାୟ ପରିବାର

ଜୟପୁର,୬।୫ (ନି.ପ୍ର.)-ଜିଲା ଆଇନ ସେବା ପ୍ରାଧିକାରଣ ପକ୍ଷରୁ ଅସହାୟ ପରିବାରକୁ କ୍ଷତିପୂରଣ ରାଶି ପ୍ରଦାନ କରାଯାଇଛି। ଉକ୍ତ ଅଞ୍ଚଳର ଜଣେ ଯୁବତୀ ସାମନ୍ତ ଚନ୍ଦ୍ରଶେଖର ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି ଆଣ୍ଡ୍ ମ୍ୟାନେଜମେଣ୍ଟ ଇଞ୍ଜିନିୟରିଂ କଲେଜରେ ସେମିଲିଗୁଡ଼ାଠାରେ ଅଧ୍ୟୟନ କରୁଥିଲେ। ତାଙ୍କର ଜଣେ ଯୁବକଙ୍କ ସହ ପ୍ରେମ ସମ୍ପର୍କ ରହିଥିଲା। ଏଥିରେ ବିଫଳ ହେବାରୁ ସମ୍ପୃକ୍ତ ଯୁବକ ଜଣକ ଯୁବତୀଙ୍କ ଦେହରେ ପେଟ୍ରୋଲ ଢାଳି ନିଆଁ ଲଗେଇ ଫେରାର ହୋଇଯାଇଥିଲେ। ସେ ରହୁଥିବା ଘରର ମାଲିକ ତାଙ୍କୁ ତୁରନ୍ତ ଚିକିତ୍ସା ପାଇଁ କୋରାପୁଟ ମେଡିକାଲ କଲେଜ ନେଇଥିଲେ। ସେଠାରୁ ତାଙ୍କୁ କୋରାପୁଟ, ବ୍ରହ୍ମପୁର ଶେଷରେ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଥିଲା। ମାତ୍ର କିଛି ସୁଫଳ ମିଳି ନ ଥିଲା। ଯୁବତୀଙ୍କ ମୃତ୍ୟୁ ଘଟିଥିଲା। ଏନେଇ ଯୁବତୀଙ୍କ ପରିବାର କୋରାପୁଟ ଜିଲାପାଳଙ୍କୁ କ୍ଷତିପୂରଣ ଦେବାକୁ ନିବେଦନ କରିଥିଲେ। ଏନେଇ ଜିଲା ପ୍ରଶାସନ ରାଜ୍ୟ ଆଇନ ସେବା ପ୍ରାଧିକରଣଙ୍କୁ କ୍ଷତିପୂରଣ ରାଶି ବ୍ୟବସ୍ଥା କରିବାକୁ ଚିଠି ଲେଖିଥିଲେ। ଏ ଦିଗରେ ପଦକ୍ଷେପ ନେଇ ଜିଲା ଆଇନ ସେବା ପ୍ରାଧିକରଣ ସଚିବ ସୁମନ ଜେନାଙ୍କୁ ଏ ସମ୍ପର୍କରେ ଅବଗତ କରାଇଥିଲେ। ପ୍ରାଧିକରଣର ଅଧକ୍ଷ ସତ୍ୟନାରାୟଣ ମିଶ୍ର ଓ ପ୍ରାଧିକରଣ କମିଟିର ସହମତିରେ ନିକଟରେ ସମ୍ପୃକ୍ତା ଯୁବତୀଙ୍କ ପରିବାରକୁ ୨.୫ ଲକ୍ଷ ଟଙ୍କାର କ୍ଷତିପୂରଣ ପ୍ରଦାନ କରାଯାଇଥିବା ଜଣାପଡିଛି।

# ଦୁର୍ଘଟଣାରେ ରାତ୍ରି ଜଗୁଆଳିଙ୍କ ମୃତ୍ୟୁକୁ ନେଇ ଉତ୍ତେଜନା

**ଟାୟାର ଜାଳି ରାସ୍ତା ଅବରୋଧ କଲେ ଅଞ୍ଚଳବାସୀ**

ସେମିଲିଗୁଡ଼ା/ସୁନାବେଡ଼ା,୬।୫ (ସ୍ୱ.ପ୍ର.)


ଟାୟାର ଜାଳି ଲୋକେ ରାସ୍ତା ଅବରୋଧ କରିଛନ୍ତି।

କୋରାପୁଟ ଜିଲା ସୁନାବେଡ଼ା ଥାନା ଅଧୀନ ସେମିଲିଗୁଡ଼ା-ନନ୍ଦପୁର ରୋଡ୍ ଅନ୍ନପର୍ଣ୍ଣା ନର୍ସରି ନିକଟରେ ଶୁକ୍ରବାର ଘଟିଥିବା ସଡ଼କ ଦୁର୍ଘଟଣାରେ ସେମିଲିଗୁଡ଼ା ନିକଟସ୍ଥ କୋଡ଼ିଗାଁର ଜଗୁ ଜାନି (୫୫)ଙ୍କ ମୃତ୍ୟୁ ହୋଇଛି। ସେ ଏଠାରେ ଏକ ସିମେଣ୍ଟ ଦୋକାନରେ ରାତ୍ରି ଜଗୁଆଳି ଭାବେ କାର୍ଯ୍ୟ କରୁଥିଲେ। ଶୁକ୍ରବାର ରାତିରେ ଜଗୁ କୋଡିଗାଁ ଗ୍ରାମରୁ କାର୍ଯ୍ୟସ୍ଥଳକୁ ଆସୁଥିବା ବେଳେ ବିପରୀତ ଦିଗରୁ ଆସୁଥିବା ଏକ ମାରୁତି ଭ୍ୟାନ୍ (ଓଆର୍‌୦୨ ବିୟୁ-୯୧୩୪) ତାଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ଜଗୁଙ୍କର ମୃତ୍ୟୁ ହୋଇଯାଇଥିଲା। ଏହି ଖବର ପ୍ରଚାର ହେବା ପରେ ସ୍ଥାନୀୟ ଲୋକେ ଘଟଣାସ୍ଥଳରେ ପହଞ୍ଚି ଟାୟାର ଜାଳି ରାସ୍ତା ଅବରୋଧ କରିଥିଲେ। କ୍ଷତିପୂରଣ ଦାବିରେ ସେମାନେ ଦୀର୍ଘ ୩ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି ରାସ୍ତାରୋକୋ କରିଥିଲେ। ଖବର ପାଇ ସୁନାବେଡ଼ା ଥାନା ଅଧିକାରୀ ଉଲ୍ଲାସ ଚନ୍ଦ୍ର ରାଉତ ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡିଥିଲା। ଲୋକେ ରାସ୍ତାରୋକୋ ପ୍ରତ୍ୟାହାର କରିନେଇଥିଲେ। ପରେ ପୋଲିସ ମୃତଦେହତ ଜବତକରି ବ୍ୟବଚ୍ଛେଦ ନିମନ୍ତେ କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସ୍ପିଟାଲକୁ ପଠାଇଥିଲା। ଦୁର୍ଘଟଣା ଘଟାଇଥିବା ଗାଡ଼ିକୁ ଜବତ କରାଯାଇଛି। ଏନେଇ ସୁନାବେଡ଼ା ଥାନାରେ କେସ୍ ନଂ. ୭୮/୨୩ରେ ଏକ ମାମଲା ରୁଜୁହୋଇ ଅଧିକ ତଦନ୍ତ ଜାରି ରହିଥିବା ଥାନା ଅଧିକାରୀ ରାଉତ କହିଛନ୍ତି। ଏ ସମ୍ପର୍କରେ ଖବର ପାଇ କୋରାପୁଟ ବିଧାୟକ ରଘୁରାମ ପଡାଲ ମଧ୍ୟ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିଥିଲେ।

# ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ

କୋରାପୁଟ,୬।୫(ସ୍ୱ.ପ୍ର. )

ଭାରତ ସରକାରଙ୍କ ଶିକ୍ଷା ମନ୍ତ୍ରଣାଳୟ ଅଧୀନରେ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଜି-୨୦ରେ ଭାରତର ଅଧ୍ୟକ୍ଷତାକୁ ପ୍ରୋତ୍ସାହିତ କରିବା ପାଇଁ ଜି-୨୦ ଜନ ଭାଗିଦାରୀ କାର୍ଯ୍ୟକ୍ରମରେ ଏକାଧିକ କାର୍ଯ୍ୟକ୍ରମ କରୁଛି। କୋରାପୁଟ, ନବରଙ୍ଗପୁର ଓ ମାଲକାନଗିରି ଜିଲାର ଆଙ୍କର ଇନଷ୍ଟିଚ୍ୟୁଟ୍ ଭାବେ ମନୋନୀତ ଏହି ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଚକ୍ରଧର ତ୍ରିପାଠୀଙ୍କ ନିର୍ଦ୍ଦେଶରେ ଏପ୍ରିଲ ପହିଲାରୁ ଏପ୍ରିଲ ୨୨ ପର୍ଯ୍ୟନ୍ତ ଅନେକ କାର୍ଯ୍ୟକ୍ରମ ହୋଇଥିଲା। ଡାକ୍ତର ପ୍ରଦୋଷ ରଥ ନୋଡାଲ ଅଫିସର ଭାବେ ଦାୟିତ୍ୱ ତୁଲାଇଥିଲେ। ୨୦୨୩ ଏପ୍ରିଲ ପହିଲାରେ କୁଳପତି ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ ଓ କର୍ମଚାରୀଙ୍କ ଉପସ୍ଥିତିରେ ଜି-୨୦ ଲୋଗୋ ଓ କାର୍ଯ୍ୟକ୍ରମକୁ ଉଦ୍ ଘାଟନ କରିଥିଲେ। କୋରାପୁଟ ସହରରେ ବିଶ୍ୱବିଦ୍ୟାଳୟ ପକ୍ଷରୁ ଜନଶିକ୍ଷା ଅନୁଷ୍ଠାନ ସହାୟତାରେ ଏକ ଶୋଭାଯାତ୍ରା ହୋଇଥିଲା। ଏଥିମଧ୍ୟରେ ପ୍ରବନ୍ଧ, ବକ୍ତୃତା, କୁଇଜ୍, ରଙ୍ଗୋଲି, ଚେହେରା ଚିତ୍ରାଙ୍କନ, ସ୍ଲୋଗାନ ଲେଖା ପ୍ରତିଯୋଗିତା, ବୃକ୍ଷରୋପଣ ଅଭିଯାନ, ଆଥଲେଟିକ୍ସ ମିଟ୍, ସ୍ୱଚ୍ଛତା ଅଭିଯାନ, ସେମିନାର, କର୍ମଶାଳା ସହ ଅନ୍ୟାନ୍ୟ କାର୍ଯ୍ୟକ୍ରମ ଅନ୍ତର୍ଭୁକ୍ତ ଥିଲା। ବିଶ୍ୱବିଦ୍ୟାଳୟ କ୍ୟାମ୍ପସରେ ବିଭିନ୍ନ ବିଷୟରେ ୨ଟି ସେମିନାର କରାଯାଇଥିଲା। କୁଳପତି ପ୍ରଫେସର ଚକ୍ରଧର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ’ ଜୈବ ବିବିଧତା ସଂରକ୍ଷଣ:

**ଜି-୨୦ ଜନ ଭାଗୀଦାରି କାର୍ଯ୍ୟକ୍ରମ**

ସମୟର ଆବଶ୍ୟକତା’ ଶୀର୍ଷକ ସେମିନାର ମଧ୍ୟ ହୋଇଥିଲା। ଏହି ସେମିନାରରେ ବିଶ୍ୱବିଦ୍ୟାଳୟର ଏକାଡେମିକ ଆଣ୍ଡ ଆଡ୍ମିନିଷ୍ଟ୍ରେସନ ପରାମର୍ଶଦାତା ପ୍ରଫେସର ସୁଧେନ୍ଦୁ ମଣ୍ଡଳ ଓ ବାଲେଶ୍ୱର ଏଫ୍ ଏମ୍ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ଏସ୍‌ପି ଅଧିକାରୀ ସମ୍ମାନିତ ବକ୍ତା ଭାବେ ଯୋଗ ଦେଇଥିଲେ। ଦ୍ୱିତୀୟ ଆଲୋଚନାଚକ୍ର ’ଟେକ୍ନୋଲୋଜି ମାଧ୍ୟମରେ ଶିକ୍ଷାଦାନ ଓ ଶିକ୍ଷଣର ମିଶ୍ରଣ’ ଉପରେ ଆଧାରିତ ଥିଲା। ଏହି ଅବସରରେ ମୁଖ୍ୟବକ୍ତା ଭାବେ ଏନସିଇଆରଟିର ପୂର୍ବତନ ନିର୍ଦ୍ଦେଶକ ପ୍ରଫେସର ହରେକୃଷ୍ଣ ସେନାପତି ଉପସ୍ଥିତ ଥିଲେ। ଏହି ଅବସରରେ ବିଶ୍ୱବିଦ୍ୟାଳୟ ଦୁଇଟି ଆଥଲେଟିକ୍ସ ଇଭେଣ୍ଟ ମଧ୍ୟ ଆୟୋଜନ କରିଥିଲା। କୁଳପତିଙ୍କ ତତ୍ତ୍ୱାବଧାନରେ ବିଶ୍ୱବିଦ୍ୟାଳୟ ପକ୍ଷରୁ ଏପ୍ରିଲ ୧୧ରୁ ୧୨ ତାରିଖ ପର୍ଯ୍ୟନ୍ତ ଫିଟନେସ୍ ମହୋତ୍ସବ କରାଯାଇଥିଲା। ଏହି ଉତ୍ସବରେ ଆଥଲେଟିକ୍ସ, ମାରାଥନ୍ ରନ୍, ଫ୍ଲଗ୍ ରନ୍, ଯୋଗ ଓ ଏରୋବିକ୍ସ, ଭଲିବଲ୍, ଅଧ୍ୟାପକ ଦୌଡ଼ ଓ ଟେବୁଲ୍ ଟେନିସ୍ ଟୁର୍ନାମେଣ୍ଟ ଆଦି ହୋଇଥିଲା। ଗାନ୍ଧୀନଗରସ୍ଥିତ ସ୍ୱର୍ଣ୍ଣିମ ଗୁଜୁରାଟ କ୍ରୀଡ଼ା ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ଯତୀନ ସୋନି କାର୍ଯ୍ୟକ୍ରମରେ ସଂଯୋଜନା କରିଥିଲେ।



କେନ୍ଦ୍ରୀୟ ବିଶ୍ୱ ବିଦ୍ୟାଳୟ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ।

# ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଲାଞ୍ଚ କାରବାର ନେଇ ଭିଡିଓ ଭାଇରାଲ

**ତଦନ୍ତ ନିର୍ଦ୍ଦେଶ ଦେଲେ ବିଡିଓ**

ବୈପାରିଗୁଡା,୬।୫ (ଡି.ଏନ୍.ଏ.)

କୋରାପୁଟ ଜିଲା ବୈପାରିଗୁଡା ବ୍ଲକରେ ରାସ୍ତା ଉପରେ ଜଣେ ଠିକାଦାରଙ୍କଠାରୁ ବ୍ଲକର ଜଣେ କନିଷ୍ଠ ଯନ୍ତ୍ରୀ ୫ ହଜାର ଟଙ୍କା ନେବା ସମୟର ଭିଡିଓ ଭାଇରାଲ ହୋଇଛି। ଏହି ଭିଡିଓ ଗତ ମାର୍ଚ୍ଚ ମାସରେ ପ୍ରସ୍ତୁତ ହୋଇଥିବା ଅନୁମାନ କରାଯାଉଛି। ଭିଡିଓରେ କନିଷ୍ଠ ଯନ୍ତ୍ରୀ ଜଣକ ହେଲ୍‌ମେଟ୍ ପିନ୍ଧି ବାଇକ୍‌ରେ ଆସି ପହଞ୍ଚିବା ବେଳେ ସେଠାରେ ପୂର୍ବରୁ ଥିବା ଠିକାଦାର ଜଣଙ୍କ ୫ ହଜାର ଟଙ୍କା ତାଙ୍କ ହାତକୁ ବଢାଇ ଦେଉଛନ୍ତି। ତେବେ ଏତିକି ଟଙ୍କାରେ ଯନ୍ତ୍ରୀ ଜଣକ ଠିକାଦାରଙ୍କ ଉପରେ ଅସନ୍ତୋଷ ପ୍ରକାଶ କରୁଥିବା ଭିଡିଓରୁ ଜଣାପଡୁଛି। ତେବେ ଆଉ ୫ ହଜାର ଟଙ୍କା ଦେବାକୁ ଯନ୍ତ୍ରୀ ତାଙ୍କୁ ଦାଗିଦ୍ କରୁଥିବା ଏବଂ ମଷ୍ଟର ରୋଲ୍ ଦାଖଲ କଲେ ୯୬ ହଜାର ଟଙ୍କାର ବିଲ୍ ସଙ୍ଗେ ସଙ୍ଗେ ପାସ୍ କରିବେ ବୋଲି କହୁଥିବା ଭିଡିଓରୁ ସ୍ପଷ୍ଟ ହେଉଛି।

ଅନ୍ୟପକ୍ଷରେ ଉକ୍ତ ଭିଡିଓ ସମ୍ପର୍କରେ ବିଡିଓ ଅଭିମନ୍ୟୁ କବିଶତପଥୀ ଜାଣିବା ପରେ ଏହାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ସେ କହିଛନ୍ତି, ଗତ ୨ ତାରିଖରେ ସେ ବିଷୟରେ ଜାଣି କନିଷ୍ଠଯନ୍ତ୍ରୀଙ୍କୁ ମାଠପଡା ପଞ୍ଚାୟତରୁ ହଟାଇ ତେନ୍ତୁଳିଗୁଡା ପଞ୍ଚାୟତ ଦାୟିତ୍ୱ ଦେଇଥିବା କହିଛନ୍ତି। ଏଥିସହ ତାଙ୍କୁ ୭ ଦିନ ମଧ୍ୟରେ କୈଫତ ଦେବାକୁ ନୋଟିସ୍ ଜାରି କରି ଘଟଣାର ତଦନ୍ତ ୭ ଦିନ ଭିତରେ ସାରି ରିପୋର୍ଟ କରିବା ଲାଗି ସହକାରୀ ଯନ୍ତ୍ରୀ ଆର୍ତ୍ତତ୍ରାଣ ପାତ୍ର ଓ ଏବିଡିଓ ନିବେଦିତା ଦଣ୍ଡସେନାଙ୍କୁ କହିଥିବା ବିଡିଓ ପ୍ରକାଶ କରିଛନ୍ତି। ତେବେ ଲାଞ୍ଚ ଦେଉଥିବା ଠିକାଦାର ଜଣକ ଶନିବାର ବ୍ଲକ ଅଫିସ ଆସି ସେ ଏହି ଟଙ୍କା ଯନ୍ତ୍ରୀଙ୍କୁ ଉଦ୍ଧାର ସୂତ୍ରରେ ଦେଇଥିବା କହିଛନ୍ତି। ଏ ସମ୍ପର୍କରେ ସହକାରୀ ଯନ୍ତ୍ରୀ ପାତ୍ରଙ୍କୁ ପଚାରିବାରୁ ସେ କହିଲେ, ଟଙ୍କା ଦେଉଥିବା ବ୍ୟକ୍ତି ଜଣକ ମେଟ୍ ଭାବେ କାମ କରନ୍ତି। ଶନିବାର ସେ ଏହା ଲାଞ୍ଚ ନୁହେଁ ଧାର ନେଇଥିବା ଟଙ୍କା ଫେରସ୍ତ କରିଛନ୍ତି ବୋଲି କହିଛନ୍ତି। ତେବେ କେଉଁ ଉଦ୍ଦେଶ୍ୟରେ କନିଷ୍ଠ ଯନ୍ତ୍ରୀ ଧାରରେ ଟଙ୍କା ନେଇଥିଲେ ଏବଂ ତାହା ଫେରାଇବାକୁ ଠିକାଦାର ଅଫିସ ଆସିଥିଲେ ସେନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହାର ନିରପେକ୍ଷ ଉଚ୍ଚସ୍ତରୀୟ ତଦନ୍ତ ହେଲେ ପ୍ରକୃତ ଘଟଣା ପଦାକୁ ଆସିବ ବୋଲି ସାଧାରଣରେ ଆଲୋଚନା ହେଉଛି।

# ରାଷ୍ଟ୍ରୀୟ କବି ସଙ୍ଗମ ଜିଲା ୟୁନିଟ୍ କାର୍ଯ୍ୟକାରିଣୀ କମିଟିର ନୂତନ କର୍ମକର୍ତ୍ତା

କଟକ ଅଫିସ, ୬।୫

ରାଷ୍ଟ୍ରୀୟ କବି ସଙ୍ଗମ ଓଡ଼ିଶା ରାଜ୍ୟ ୟୁନିଟ୍ ପକ୍ଷରୁ ଜିଲା ୟୁନିଟ୍ ସଦସ୍ୟମାନଙ୍କ ବୈଠକ ଅନ୍‌ଲାଇନ୍ ମାଧ୍ୟମରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ରାଷ୍ଟ୍ରୀୟ କବି ସଙ୍ଗମ ଓଡ଼ିଶା ରାଜ୍ୟ ୟୁନିଟ୍‌ର ୫ଟି ଜିଲା ୟୁନିଟ୍‌ର କାର୍ଯ୍ୟକାରିଣୀ କମିଟି ଗଠନ କରାଯାଇଥିଲା। ପ୍ରାଦେଶିକ ସଭାପତି ନଥମଲ ଚନାନୀ ମନୋନୀତ ହୋଇଥିବା ସଦସ୍ୟମାନଙ୍କ ନାମ ଘୋଷଣା କରିଥିଲେ। ଏଥିରେ ବରଗଡ଼ ଜିଲା କାର୍ଯ୍ୟନିର୍ବାହୀ କମିଟି ସଂଯୋଜକ ଭାବେ ରେଣୁ ଅଗ୍ରୱାଲ, ଅଧ୍ୟକ୍ଷା ଦର୍ଶନା ଅଗ୍ରୱାଲ ଓ ମିଡିଆ ପ୍ରଭାରୀ ସଦାଶିବ କର ମନୋନୀତ ହୋଇଛନ୍ତି। ସେହିପରି ଖୋର୍ଦ୍ଧା ଜିଲା କମିଟିରେ ରତ୍ନ ମହିପାଲ ସଂଯୋଜକ, ବିକ୍ରମାଦିତ୍ୟ ସିଂ ଅଧ୍ୟକ୍ଷ, ଆଶିଷ କୁମାର ସାହ ମହାମନ୍ତ୍ରୀ, ବିନୋଦ କୁମାର ମିଡିଆ ପ୍ରଭାରୀ, ଡା. ସୁଧୀର କୁମାର ସାମାଜିକ ଗଣମାଧ୍ୟମ ପ୍ରଭାରୀ ଭାବେ ମନୋନୀତ ହୋଇଥିଲେ। କଟକ ଜିଲା କମିଟିରେ ମୀରା ବେଉରା ସଂଯୋଜକ, ମନୋଜ କୁମାର ଦୁଗ୍ଗଣ୍ଡ ଅଧ୍ୟକ୍ଷ, ରିମ୍‌ଝିମ୍ ଝା ମହାମନ୍ତ୍ରୀ, ଲକ୍ଷ୍ମୀଧର ଚଢ଼ା ମିଡିଆ ପ୍ରଭାରୀ ଭାବେ ମନୋନୀତ ହୋଇଛନ୍ତି। କୋରାପୁଟ ଜିଲା କମିଟିରେ ସଂଯୋଜକ ଭାବେ ସବିତା ଶତପଥୀ, ଅଧ୍ୟକ୍ଷ ବିଜୟା ପାଣିଗ୍ରାହୀ, ମହାମନ୍ତ୍ରୀ କବିତା ସାହୁ, ମିଡିଆ ପ୍ରଭାରୀ ସୌମେନ୍ଦ୍ର ସ୍ୱାଇଁଙ୍କୁ ମନୋନୀତ କରାଯାଇଛି। ନବରଙ୍ଗପୁର ଜିଲା କମିଟିର ସଂଯୋଜକ ଭାବେ ନାରାୟଣ ପଣ୍ଡା, ଜେମାମଣି ବିଷୋଇ ଅଧ୍ୟକ୍ଷା, କାଦମ୍ବିନୀ ବେଶ୍ରା ମହାମନ୍ତ୍ରୀ, ଅମ୍ବିକା କଲାର ମିଡିଆ ପ୍ରଭାରୀ ଭାବେ ମନୋନୀତ ହୋଇଛନ୍ତି। ଏଥିରେ ପ୍ରାଦେଶିକ ମହାମନ୍ତ୍ରୀ ପୁଷ୍ପା ସିଂଘୀ ସ୍ୱାଗତ ଭାଷଣ ଦେଇଥିଲେ। ପ୍ରାଦେଶିକ ପୃଷ୍ଠପୋଷକ ଗଜାନନ ଶର୍ମା ଆସନ୍ତା ୨୬ରେ ହେବାକୁ ଥିବା ଦ୍ୱିତୀୟ ପ୍ରାଦେଶିକ ଅଧିବେଶନ ସମ୍ପର୍କରେ ସୂଚନା ଦେଇଥିଲେ। ଏଥିରେ ପ୍ରାନ୍ତ ମିଡିଆ ପ୍ରଭାରୀ ସବ୍ୟସାଚୀ ବିଷୋଇ, ପ୍ରାନ୍ତ ପ୍ରଭାରୀ ଗୋପାଳ ପଣ୍ଡା, ପ୍ରାଦେଶିକ ପରାମର୍ଶଦାତା ପ୍ରକାଶ ବେତାଲା ପ୍ରମୁଖ ଉପସ୍ଥିତ ଥିଲେ।

# ଭିନ୍ନକ୍ଷମଙ୍କୁ ୩ ମାସ ମଧ୍ୟରେ ମିଳିବ ସହାୟତା ଉପକରଣ

କୋରାପୁଟ,୬।୫(ସ୍ୱ.ପ୍ର.)


ଶିବିରରେ ଜଣେ ଭିନ୍ନକ୍ଷମଙ୍କୁ ସହାୟତା ଉପକରଣ ପ୍ରଦାନ କରାଯାଇଛି।

ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ଏବଂ ଓଲଟପୁରସ୍ଥିତ ସ୍ୱାମୀ ବିବେକାନନ୍ଦ ରାଷ୍ଟ୍ରୀୟ ପୁନର୍ବାସ ପ୍ରଶିକ୍ଷଣ ଏବଂ ଅନୁସନ୍ଧାନ ସଂସ୍ଥା ପକ୍ଷରୁ ଭିନ୍ନକ୍ଷମଙ୍କ ପାଇଁ ଏକ ଆକଳନ ଶିବିର କୋରାପୁଟ ଟାଉନହଲ୍‌ଠାରେ ଅନୁଷ୍ଠିତ ହୋଇଯାଇଛି। ଶିବିରରେ କୋରାପୁଟ ବ୍ଲକ ଏବଂ କୋରାପୁଟ ପୌର ପରିଷଦ ଅଞ୍ଚଳର ୧୬୧ ଜଣ ନାମ ପଞ୍ଜୀକରଣ କରିଥିଲେ। ସେମାନଙ୍କ ମଧ୍ୟରୁ ଅସ୍ଥିଶଲ୍ୟ ୧୪୮ ଏବଂ ଶ୍ରବଣବାଧିତ ୧୩ ଜଣ ଦିବ୍ୟାଙ୍ଗ ରହିଥିବା ଆକଳନ କରାଯାଇଛି। ସେମାନଙ୍କୁ ଆସନ୍ତା ୩ ମାସ ମଧ୍ୟରେ ବିଭିନ୍ନ ଉପକରଣ ପ୍ରଦାନ କରାଯିବ। ଏହି ଆକଳନ ଶିବିରରେ କୋରାପୁଟ ପଞ୍ଚାୟତ ସମିତି ଅଧ୍ୟକ୍ଷା ନମିତା ମାଝି ମୁଖ୍ୟ ଅତିଥି ଭାବରେ ଯୋଗଦେଇଥିଲେ। ଅନ୍ୟ ଅତିଥିଙ୍କ ମଧ୍ୟରେ ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ଦିଲୀପ ହିଆଲ, ଜିଲା ଭିନ୍ନକ୍ଷମ ପୁନର୍ବାସ କେନ୍ଦ୍ର ଅଧିକାରୀ ପ୍ରେମଦାନି କିଣ୍ଡୋ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଆହାନା ବୈଦ, ପୌର ପରିଷଦ ଗୋଷ୍ଠୀ ସଙ୍ଗଠିକା ମଧୁସ୍ମିତା ପ୍ରହରାଜ, ସ୍ୱାମୀ ବିବେକାନନ୍ଦ ରାଷ୍ଟ୍ରୀୟ ପୁନର୍ବାସ ପ୍ରଶିକ୍ଷଣ ଏବଂ ଅନୁସନ୍ଧାନ ସଂସ୍ଥାର ଶୁଭଶ୍ରୀ ମିଶ୍ର, ଶ୍ରବଣବାଧିତ ପରୀକ୍ଷକ ଜୟଶଙ୍କର ପଣ୍ଡା, ବରିଷ୍ଠ ଭୌତିକ ଚିକିତ୍ସକ ବିଶ୍ୱଜିତ ଶତପଥୀ, ଚଳନବାଧିତ ପରୀକ୍ଷକ ରାଜକିଶୋର ସାହୁ, ଦୀପ୍ତିରାଣୀ ପ୍ରଧାନ ଓ ରଶ୍ମିତା ଦାଶ ସମସ୍ତ ଦିବ୍ୟାଙ୍ଗଙ୍କୁ ସହାୟକ ଉପକରଣ ପ୍ରଦାନ ନେଇ ଆକଳନ କରିଥିଲେ। ଆକଳନ ଶିବିରରେ ସ୍ୱାସ୍ଥ୍ୟ ପରୀକ୍ଷା ସହ ମାଗଣା ଔଷଧ ବଣ୍ଟନ କରାଯାଇଥିଲା। ଏନ୍‌ଜିଓ ଶୋଭା ଏବଂ ଏକତାର ସ୍ୱେଚ୍ଛାସେବୀମାନେ ଭିନ୍ନକ୍ଷମ ପଞ୍ଜୀକରଣ ଏବଂ ପରିଚାଳନାରେ ସହାୟତା କରିଥିଲେ। ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ପିଙ୍କି ଆଡାରୀ, ନୀତିନ ଭୁକ୍ତା, ଲିପିକାରାଣୀ ଭଦ୍ରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ସରକାରୀ ଜମି ଜବରଦଖଲ ଉଦ୍ୟମକୁ ବିରୋଧ


ଜିଲାପାଳଙ୍କୁ ଭେଟିବାକୁ ଆସିଥିବା ରିକ୍ଲାମେଶନ କଲୋନୀ ତାମିଲ କ୍ୟାମ୍ପ ବାସୀ ।

ମାଲକାନଗିରି,୬।୫ (ଡି.ଏନ.ଏ.)

ମାଲକାନଗିରି ଜିଲା ସଦର ମହକୁମାସ୍ଥିତ ରିକ୍ଲାମେଶନ କଲୋନୀ ତାମିଲ କ୍ୟାମ୍ପ ନିକଟ ଗଣେଶ ମନ୍ଦିର ପାର୍ଶ୍ୱରେ ଥିବା ସରକାରୀ ଜମିକୁ କିଛି ଲୋକେ ଜବର ଦଖଲ କରିବାକୁ ଉଦ୍ୟମ କରୁଥିଲେ। ଏହି ଖବରପାଇ ତାମିଲ କ୍ୟାମ୍ପ ଓ ରିକ୍ଲାମେଶନ କଲୋନୀର ଶତାଧିକ ମହିଳାପୁରୁଷ ଶନିବାର ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଦଣ୍ଡକାରଣ୍ୟ ପ୍ରକଳ୍ପ ଚାଲିଥିବା ସମୟରୁ ଏହି ସ୍ଥାନଟି ଗ୍ୟାରେଜ ଭାବେ ବ୍ୟବହାର କରାଯାଉଥିଲା। ପ୍ରକଳ୍ପ କାର୍ଯ୍ୟ ସରିବା ପରେ ଏହି ସ୍ଥାନରେ ତାମିଲ ଶରଣାର୍ଥୀଙ୍କୁ ଆଶ୍ରୟ ଦେଇ ତାମିଲକ୍ୟାମ୍ପ ପ୍ରତିଷ୍ଠା କରାଯାଇଥିଲା। ତେବେ ସମୟକ୍ରମେ ଏଠାରେ ଖାଲି ରହିଥିବା ସ୍ଥାନଟି ଆମ୍ବତୋଟାରେ ପରିଣତ ହୋଇଛି। ଏହାକୁ ସ୍ଥାନୀୟ ଲୋକେ ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟରେ ବ୍ୟବହାର କରି ଆସୁଛନ୍ତି। ତେବେ ଗତ କିଛିଦିନ ତଳେ ଏହି ସ୍ଥାନକୁ କିଛି ଲୋକେ ଜବରଦଖଲ କରିବା ପାଇଁ ଉଦ୍ୟମ କରୁଥିବା ଜାଣିବାକୁ ପାଇ ସ୍ଥାନୀୟ ବାସିନ୍ଦା ଜିଲାପାଳ ବିଶାଲ ସିଂଙ୍କୁ ଭେଟି ଏହି ଖାଲି ସ୍ଥାନକୁ ସୁରକ୍ଷିତ ରଖିବାକୁ ଦାବି କରିଛନ୍ତି। ଏହି ସମୟରେ କଲୋନୀବାସିନ୍ଦା ଜିଲାପାଳଙ୍କୁ ଲିଖିତ ଦାବିପତ୍ର ଦେଇଛନ୍ତି। ଏହାକୁ ଜବରଦଖଲ ନ ହେବା ନେଇ ପ୍ରଶାସନ ସମସ୍ତ ପଦକ୍ଷେପ ନେବ ବୋଲି ଜିଲାପାଳ ପ୍ରତିଶ୍ରୁତି ଦେଇଛନ୍ତି।

# କାମରେ ଆସୁନି ଗୋଷ୍ଠୀ ଶୌଚାଳୟ

ମାଥିଲି,୬।୫(ଡି.ଏନ.ଏ.)

ମାଲକାନଗିରି ଜିଲା ମାଥିଲିରେ ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡିଛି। ଏଥିରେ ସୁଧାର ଆଣିବା ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ମିଳିତ ଭାବେ ପ୍ରତି ଘରେ ପାଇଖାନା ନିର୍ମାଣ ଉପରେ ଗୁରୁତ୍ୱାରୋପ କରିଥିଲେ। ଜନଗହଳିପୂର୍ଣ୍ଣ ସ୍ଥାନରେ ଗୋଷ୍ଠୀ ଶୌଚାଳୟ ନିର୍ମାଣ କରିଥିଲେ। ୩୨୬ ନମ୍ବର ଜାତୀୟ ରାଜପଥ କଡ଼ରେ ମଧ୍ୟ ଏକ ଶୌଚାଳୟ ନିର୍ମାଣ ହୋଇଥିଲା। ମାତ୍ର ମାଲକାନଗିରି ଜିଲା ମାଥିଲିରେ ଏହି ବ୍ୟବସ୍ଥା ଫେଲ୍ ମାରିଛି। ସ୍ଥାନୀୟ ପ୍ରଶାସନ ଓ ବିଭାଗୀୟ ଅଧିକାରୀଙ୍କ ଅବହେଳା ଯୋଗୁ ନିର୍ମିତ ଗୋଷ୍ଠୀ ଶୌଚାଳୟଗୁଡିକରେ ତାଲା ପଡି ରହିଛି। ଫଳରେ ଯାତ୍ରୀ ଓ ଜନସାଧାରଣ ବାଧହୋଇ ବାହାରେ ଶୌଚ ହେଉଛନ୍ତି। ଏନେଇ ସେମାନେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଥିବା ପରିଲକ୍ଷିତ ହେଉଛି। ଶୌଚାଳୟ ନିର୍ମାଣ ହେବାପରଠାରୁ ତାଲା ପଡି ରହିଛି। ପ୍ରଶାସନ ଏଥିପ୍ରତି ଦୃଷ୍ଟିଦେଇ ଶୋଚାଳୟରୁ ତାଲା ଖୋଲି ସର୍ବସାଧାରଣଙ୍କ ବ୍ୟବହାର ପାଇଁ ବ୍ୟବସ୍ଥା କରିବାକୁ ଦାବି ହେଉଛି।



ତାଲା ପଡି ରହିଥିବା ଗୋଷ୍ଠୀ ଶୌଚାଳୟ।

# ସରକାରୀ ସହାୟତା ଅପେକ୍ଷାରେ ବ୍ରଜଙ୍କ ପରିବାର

ଦଶମନ୍ତପୁର, ୬।୫( ଡି.ଏନ୍.ଏ.)

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ଅନ୍ତର୍ଗତ ଲୁଲା ପଞ୍ଚାୟତର ତେନ୍ତୁଳିଗୁଡ଼ା ଗ୍ରାମର ଜଣେ ଅସହାୟ ମହିଳା ସ୍ୱାମୀ ବ୍ରଜଙ୍କ ମୃତ୍ୟୁ ପରେ ଅସହାୟ ହୋଇପଡ଼ିଛନ୍ତି। ୩ ସନ୍ତାନ ପୁଅ ରାହୁଲ ସାଉଁନ୍ତା (୮), ଅରୁଣ (୪) ଓ ୨ବର୍ଷର ଝିଅ ସ୍ନେହାଙ୍କ ଭରଣପୋଷଣ ଲାଗି ଚିନ୍ତାରେ ପଡ଼ିଛନ୍ତି। ତାଙ୍କୁ ସମାଜ କଲ୍ୟାଣ ଯୋଜନାରେ ଏ ଯାଏ କିଛି ସହାୟତା ମିଳିନାହିଁ। ଏହି ଅନାଥ ୩ ସନ୍ତାନଙ୍କୁ ଦଶମନ୍ତପୁର ଆଇଡିଏସ୍‌ର ରହିଥିବା ଶିଶୁ ଯତ୍ନ କେନ୍ଦ୍ରରେ ଥଇଥାନ କରିବା ଏବଂ ବ୍ରଜଙ୍କ ସ୍ତ୍ରୀଙ୍କୁ ପରିବାର କଲ୍ୟାଣ ଯୋଜନାରେ ସାମିଲକରି ଭତ୍ତା ପ୍ରଦାନ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ୮ରୁ ପ୍ରସିଦ୍ଧ ଅଗ୍ନିଗଙ୍ଗା ମା’ଙ୍କ ଘଟଯାତ୍ରା

- ରଙ୍ଗିନ ଆଲୋକରେ ଝଲସୁଛି ସହର
- ସାଂସ୍କୃତିକ କାର୍ଯ୍ୟକ୍ରମର ମଜା ନେବେ ଦର୍ଶକ
- ଶୃଙ୍ଖଳିତ ଦର୍ଶନ ଉପରେ ପରିଚାଳନା କମିଟି ଦେଇଛି ଗୁରୁତ୍ୱ

ସେମିଲିଗୁଡ଼ା/ସୁନାବେଡ଼ା,୬।୫ (ସ୍ୱ.ପ୍ର.)



ପ୍ରତିବର୍ଷ ପରି ଚଳିତବର୍ଷ ମଧ୍ୟ ପାଳନ ହେବ ସେମିଲିଗୁଡ଼ାର ପ୍ରସିଦ୍ଧ ଅଗ୍ନିଗଙ୍ଗା ମା’ଙ୍କ ପ୍ରସିଦ୍ଧ ଘଟଯାତ୍ରା। ଏଥିପାଇଁ ସମସ୍ତ ପ୍ରସ୍ତୁତି ପ୍ରାୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ସେମିଲିଗୁଡ଼ା, ସୁନାବେଡ଼ା ସହର ଏଥିପାଇଁ ଉତ୍ସବମୁଖର ହୋଇଉଠିଛି। ଏହି ଯାତ୍ରା ୮ ତାରିଖରୁ ଆରମ୍ଭହୋଇ ଆସନ୍ତା ୧୭ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ମନ୍ଦିର ପରିଚାଳନା କମିଟି ସଭାପତି ଏଲ୍. ତେଜେଶ୍ୱର ପାତ୍ର କହିଛନ୍ତି । ଶନିବାର ହୋଇଥିବା ପ୍ରସ୍ତୁତି ବୈଠକରେ ଏ ସମ୍ପର୍କରେ ସୂଚନାଦେଇ ସମ୍ପାଦକ ତ୍ରିନାଥ ନାୟକ ଓ କୋଷାଧ୍ୟକ୍ଷ ହେମ ବିଶୋୟୀ କହିଛନ୍ତି, ଗତବର୍ଷ ଅପେକ୍ଷା ଚଳିତବର୍ଷ ଯାତ୍ରା ପାଇଁ ସମଗ୍ର ଅଞ୍ଚଳକୁ ସୁନ୍ଦର ଭାବରେ ସଜାଯିବାର ପ୍ରସ୍ତାବ ରହିଛି। ମା’ଙ୍କ ଅସ୍ଥାୟୀ ମଣ୍ଡପର ସବୁ ପ୍ରସ୍ତୁତି ଶେଷ ହୋଇଛି। ରୀତିନୀତି ଅନୁଯାୟୀ ମା’ଙ୍କ ଘଟକୁ ଯାତ୍ରାର ପ୍ରଥମ ଦିନ ସୋମବାର ମା’ଙ୍କୁ ମନ୍ଦିର ଭିତରୁ ଅଣାଯାଇ ମୁଖ୍ୟ ପୂଜକଙ୍କ ଘରେ ଗୋଟିଏ ଦିନ ପୂଜାର୍ଚ୍ଚନା କରାଯିବ। ଦ୍ୱିତୀୟ ଦିନରେ ମା’ସହର ପରିକ୍ରମା କରିବେ। ମୁଖ୍ୟ ରାସ୍ତା ପାର୍ଶ୍ୱରେ ଥିବା ଅସ୍ଥାୟୀ ମଣ୍ଡପରେ ମା’ଙ୍କୁ ବିଜେ କରାଯିବା ମଧ୍ୟ କାର୍ଯ୍ୟକ୍ରମ ରହିଛି। ଏହି ଯାତ୍ରା ୯ ଦିନ ଧରି ଚାଲିବ। ଶ୍ରଦ୍ଧାଳୁଙ୍କ ଭିଡ଼କୁ ଦୃଷ୍ଟିରେ ରଖି ସମସ୍ତ ବ୍ୟବସ୍ଥା କରାଯାଇଛି। ଶ୍ରଦ୍ଧାଳୁଙ୍କ ଶୃଙ୍ଖଳିତ ଦର୍ଶନ ଉପରେ ଗୁରୁତ୍ୱାରୋପ କରାଯାଇଛି ବୋଲି ସଭାପତି ପାତ୍ର କହିଛନ୍ତି।

## ସଂକ୍ଷେପରେ

### କାଦୁଅରେ ଫସିଲା ଗର୍ଭବତୀଙ୍କୁ ନେଇ ଯାଉଥିବା ଆମ୍ବୁଲାନ୍ସ



ଟିକିରି, ୬।୫(ଡି.ଏନ୍.ଏ.)- ରାୟଗଡା ଜିଲା କାଶୀପୁର ବ୍ଲକ ଡଙ୍ଗାସିଲ ପଞ୍ଚାୟତ ବଣ୍ଡାଦୋରା ଗ୍ରାମର ଜଣେ ଗର୍ଭବତୀଙ୍କୁ ନେବାକୁ ଆସିଥିବା ଆମ୍ବୁଲାନ୍ସ କାଦୁଅରେ ଫସି ଯାଇଥିଲା। ଲୋକମାନେ ଦୀର୍ଘ ସମୟ ଧରି ଚେଷ୍ଟା କରିବା ପରେ ତାହା ନ ବାହରିବାରୁ ୧୦୨ ଗାଡ଼ି ଡକାଯାଇଥିଲା। ସେଥିରେ ଗର୍ଭବତୀଙ୍କୁ ଡଙ୍ଗାସିଲ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଗର୍ଭବତୀ ଏକ ପୁତ୍ର ସନ୍ତାନଙ୍କୁ ଜନ୍ମ ଦେଇଛନ୍ତି। ଉଭୟଙ୍କ ସୁସ୍ଥ ଥିବା ଜଣାପଡିଛି। ପ୍ରକାଶ ଯେ, ବଣ୍ଡାଦୋରା ଗ୍ରାମର ଜଣେ ମହିଳାଙ୍କ ପ୍ରସବବ ଯନ୍ତ୍ରଣା ହେବାରୁ ପରିବାର ଲୋକେ ଆମ୍ବୁଲାନ୍ସ ଡକାଇଥିଲେ। ଗାଁକୁ ପକ୍କା ରାସ୍ତା ନାହିଁ। ଗାଁକୁ ସଂଯୋଗ କରୁଥିବା ରାସ୍ତାରେ ବର୍ଷା ଯୋଗୁ କାଦୁଅ ଜମି ରହିଥିଲା। ଗର୍ଭବତୀଙ୍କୁ ଡାକ୍ତରଖାନା ନେଇ ଯିବାବେଳେ ଆମ୍ବୁଲାନ୍ସ ଅଟକି ଯାଇଥିଲା। ଗ୍ରାମବାସୀ ତାହାକୁ ବାହାର କରିବା ପାଇ ଚେଷ୍ଟା କରି ବିଫଳ ହେବାରୁ ୧୦୨ ଗାଡି ଡକାଇଥିଲେ। ସେଥିରେ ଗର୍ଭବତୀଙ୍କୁ ଡାକ୍ତରଖାନା ନିଆଯାଇଥିଲା।

### ଛାତ୍ରୀଛାତ୍ରଙ୍କ ଅଧିଗ୍ରହଣ କାର୍ଯ୍ୟକ୍ରମ

ଡାବୁଗାଁ, ୬।୫ (ଡି.ଏନ୍.ଏ.)- ନବରଙ୍ଗପୁର ଜିଲା ଡାବୁଗାଁ ଭୈରବ ସ୍ନାତକ ମହାବିଦ୍ୟାଳୟରେ ଇଗ୍ନୋ ପାଠ୍ୟକ୍ରମର ଜାନୁଆରୀ-୨୦୨୩ ଶିକ୍ଷା ବର୍ଷ ରେ ନାମ ଲେଖାଇଥିବା ଛାତ୍ରୀଛାତ୍ରଙ୍କ ପ୍ରବେଶ ଉତ୍ସବ ଶନିବାର ପାଳିତ ହୋଇଯାଇଛି। ଏହି ପ୍ରବେଶ ଉତ୍ସବରେ ଭୈରବ ସ୍ନାତକ ମହାବିଦ୍ୟାଳୟର ଇଗ୍ନୋ ସଂଯୋଜିକା ଉର୍ମିଳା ବ୍ରହ୍ମା ବିବରଣୀ ପାଠ କରିଥିଲେ। ଭୈରବ ସ୍ନାତକ ମହାବିଦ୍ୟାଳୟ ଭାରପ୍ରାପ୍ତ ଅଧକ୍ଷ ତଥା ରାଜନୀତି ବିଜ୍ଞାନ ବିଭାଗ ମୁଖ୍ୟ ଶଙ୍କର ପ୍ରସାଦ ଗନ୍ତାୟତ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଶିକ୍ଷାର କ୍ଷେତ୍ର ବ୍ୟାପକ। ପ୍ରତ୍ୟେକ ବ୍ୟକ୍ତି କିପରି ଶିକ୍ଷା ଗ୍ରହଣ କରି ପାରିବେ ସେ ନେଇ ଇଗ୍ନୋ ପାଠ୍ୟକ୍ରମ ଆରମ୍ଭ କରାଯାଇଥିଲା। ଏହା ଏକ ଦୂର ଶିକ୍ଷା ବ୍ୟବସ୍ଥା ହୋଇଥିବାରୁ ସମସ୍ତ ଛାତ୍ରୀ ଛାତ୍ର ଶିକ୍ଷାଗତ ଯୋଗ୍ୟତାକୁ ନେଇ ପଢ଼ି ପାରିବେ ବୋଲି ସେ କହିଛନ୍ତି। ଶିକ୍ଷା ବ୍ୟବସ୍ଥାରେ ପରିବର୍ତ୍ତନ ଆଣିବା ପାଇଁ ଏହା ଏକ ପ୍ରକାର ମାଧ୍ୟମ। ଏଥିରେ ସମସ୍ତେ ଅଧ୍ୟୟନ କରି ପାରିବେ। ଏହିବର୍ଷ ସମସ୍ତ ଅନୁସୂଚିତ ଜାତି ଓ ଜନଜାତି ପିଲାମାନଙ୍କୁ ସେମାନଙ୍କ ନାମଲେଖା ଶୁଳ୍କ ଛାଡ଼ ରହିଥିବା ଇଗ୍ନୋ ସଂଯୋଜିକା ଉର୍ମିଳା ବ୍ରହ୍ମା କହିଥିଲେ। ଏହି ଉତ୍ସବରେ ଇତିହାସ ବିଭାଗୀୟ ମୁଖ୍ୟ ପୁଷ୍ପାଞ୍ଜଳି ସାହୁ, ଓଡ଼ିଆ ବିଭାଗୀୟ ମୁଖ୍ୟ ଚନ୍ଦନା ପଣ୍ଡା, ଅର୍ଥନୀତି ବିଭାଗର ଅଧାପକ ସନ୍ୟାସୀ ସାହୁ, ଇତିହାସ ବିଭାଗୀୟ ଅଧାପକ ଦାୟାରାମ ମନୋହର ଯୋଗ ଦେଇଥିଲେ। ପ୍ରବେଶ ଉତ୍ସବରେ ୪୦ଜଣ ଛାତ୍ରୀଛାତ୍ର ଯୋଗ ଦେଇଥିଲେ। ଉତ୍ସବ ପରେ ସେମାନଙ୍କ ସାର୍ଟିଫିକେଟକୁ ଯାଞ୍ଚ କରାଯାଇଥିଲା। ଓଡ଼ିଆ ବିଭାଗର ଅଧାପିକା ମନିଷା ସରକାର ଧନ୍ୟବାଦ ଦେଇଥିଲେ।

# ଶୁଖୁଛି ନାଗାବଳୀ, କମୁଛି ପାଣି

- ନଦୀରୁ ବେଆଇନ ବାଲି, ପଥର ଚାଲାଣ ମୁଖ୍ୟ କାରଣ
- ଜଳ ସଂରକ୍ଷଣ କରା ନ ଗଲେ ସୃଷ୍ଟିହେବ ବିଷମ ପରିସ୍ଥିତି

ରାୟଗଡ଼ା,୬।୫(ସ୍ୱ.ପ୍ର.)



ରାୟଗଡ଼ା ଜିଲାର ଜଳ ପାଇଁ ଜୀବନରେଖା ହେଉଛି ଚିରସ୍ରୋତା ନାଗାବଳୀ। ଏହାର ଉତ୍ପତ୍ତି ନିୟମଗିରି ପାହାଡ଼ରୁ ହୋଇଥିଲେ ହେଁ ଅନାଦି କାଳରୁ ଜିଲାବାସୀଙ୍କ ଜୀବନର ଆଧାର ପାଲଟିଛି। କୃଷି କ୍ଷେତ୍ରରୁ ଆରମ୍ଭ କରି ଜନସାଧାରଣଙ୍କ ଶୋଷ ମେଣ୍ଟାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛି ନାଗାବଳୀ। ହେଲେ ଏବେ ନାଗାବଳୀ ବିପଦ ଆଡ଼କୁ ଗତିକରୁଛି। କିଛି ବର୍ଷ ପୂର୍ବେ ଏଥିରେ ଖରାଦିନରେ ମଧ୍ୟ ୩ ଫୁଟରୁ ଅଧିକା ପାଣି ରହୁଥିଲା। ହେଲେ ଏବେ ଫୁଟେ ପାଣି ମଧ୍ୟ ରହୁନାହିଁ। ନିୟମଗିରି ପାହାଡ଼ରୁ ଉତ୍ପତ୍ତି ହୋଇଥିବା ଏହି ନାଗାବଳୀ ନଦୀ ସୁଦୂର ଆନ୍ଧ୍ରପ୍ରଦେଶ ରାଜ୍ୟର ମଛଲିପଟନମ୍ ପର୍ଯ୍ୟନ୍ତ ବର୍ତ୍ତମାନ ଶୁଖିଲା ପଡ଼ିଥିବା ଦେଖିବାକୁ ମିଳୁଛି। ଦୂରକୁ ଦୂରକୁ କେବଳ ବାଲୁକା ଶଯ୍ୟା ଦେଖାଯାଉଛି। ଯଦି ଏଭଳି ସ୍ଥିତି ଲାଗି ରହେ, ତେବେ ଆଗାମୀ ଦିନରେ ଚାଷ ତ ଦୂରର କଥା, ପିଇବା ପାଇଁ ଟୋପାଏ ପାଣି ମଧ୍ୟ ମିଳିବନାହିଁ। ସଚେତନତା ଅଭାବ, ବିଭିନ୍ନ ସରକାରୀ ପ୍ରକଳ୍ପ ନାଁରେ ନଦୀର ଗତିପଥ ପରିବର୍ତ୍ତନ ଏବଂ ଆନ୍ଧ୍ରକୁ ବେଆଇନଭାବେ ନଦୀରୁ ବାଲି ଓ ପଥର ଚାଲାଣ ଏହି ସମସ୍ୟାର ମୁଖ୍ୟ କାରଣ।

ନାଗାବଳୀ ନଦୀ କଲ୍ୟାଣସିଂହପୁର, କୋଲନରା ଓ ରାୟଗଡ଼ା ବ୍ଲକର ବିଭିନ୍ନ ଗ୍ରାମାଞ୍ଚଳ ଓ ରାୟଗଡ଼ା ସହରକୁ ପିଇବା ପାଣି ଯୋଗାଉଛି। ଆନ୍ଧ୍ରପ୍ରଦେଶର କିଛି ଅଞ୍ଚଳବାସୀ ମଧ୍ୟ ପାନୀୟ ଜଳ ପାଇଁ ଏହା ଉପରେ ନିର୍ଭର କରନ୍ତି। ନଦୀରୁ ବେଆଇନ ଭାବେ ମେଶିନ ଲଗାଇ ବାଲି ଓ ପଥର ଉତ୍ତୋଳନ କରାଯାଉଛି। ବିଶେଷତଃ କୁମ୍ଭିପେଣ୍ଟ, କୋତାପେଟା, ମାଲିଗାଁ, ଜେକେପୁର, ରାୟଗଡ଼ା ସହର, ପାରତାପୁର, ଶେଷଖାଲ, କେରେଡ଼ା ଆଦି ସ୍ଥାନରେ ବେଆଇନ ବାଲି ଚାଲାଣ ଚାଲିଛି। କେବଳ ଆଖି ଦେଖାଣିଆ ପାଇଁ ବିଭାଗୀୟ ଅଧିକାରୀମାନେ ବେଳେବେଳେ କେତେକ ଟ୍ରାକ୍ଟରକୁ ଅଟକାଇ ଜରିମାନା କାଟିଥାଆନ୍ତି। ହେଲେ ପରବର୍ତ୍ତୀ ସମୟରେ ପୁଣି ସେହି ଅବସ୍ଥା। ଆନ୍ଧ୍ରପ୍ରଦେଶରେ ନିର୍ମାଣ ପାଇଁ ମେଶିନ ଲଗାଇ ଟ୍ରକ ଯୋଗେ ବାଲି ଚାଲାଣ କରୁଛି। ଆନ୍ଧ୍ରପ୍ରଦେଶରେ ନଦୀର ତଳମୁଣ୍ଡରେ ମନଇଚ୍ଛା ଦୁଇଟି ବୃହତ୍ ଜଳସେଚନ ପ୍ରକଳ୍ପ ନିର୍ମାଣ ହେଉଛି। ତେବେ ଆନ୍ଧ୍ରପ୍ରଦେଶସ୍ଥିତ ତୋଟାପଲି ପ୍ରକଳ୍ପ ନାଗାବଳୀର ସର୍ବାଧିକ ପାଣି ବ୍ୟବହାର କରୁଛି। ବର୍ଷା ଓ ଶୀତଋତୁରେ ପ୍ରବାହିତ ଜଳକୁ ସଂରକ୍ଷଣ କରାଯାଇ ଖରାଦିନେ ଏହା ଚାଷ ପାଇଁ ଆନ୍ଧ୍ର ସରକାର ବ୍ୟବହାର କରୁଛନ୍ତି। ଏତଦ୍‌ବ୍ୟତୀତ ଅନେକ ଛୋଟ ପ୍ରକଳ୍ପ ମଧ୍ୟ ଆନ୍ଧ୍ର ସରକାର ଏହି ନଦୀରେ ନିର୍ମାଣ କରିଛନ୍ତି। ଫଳରେ ଏହା ଶୁଖିବାରେ ଲାଗିଛି, ଗତିପଥ ମଧ୍ୟ ବଦଳୁଛି। ବେଆଇନ ବାଲି ଚାଲାଣକୁ ରୋକିବାକୁ କେହି ତତ୍ପରତା ଦେଖାଉ ନାହାନ୍ତି। ନଦୀରେ ଜଳ ସଂରକ୍ଷଣ ହେଉନି। ବର୍ଷାଋତୁରେ ଭୂସ୍ଖଳନ ଘଟି ନଦୀର ଓସାର ବଢ଼ି ବଢ଼ି ଚାଲିଛି। ଏଥିଯୋଗୁ ପାଣି ସ୍ଥିର ନ ରହି ଦିଗ ପରିବର୍ତ୍ତନ କରୁଛି।

ଚଳିତବର୍ଷ ନଦୀ ଶୁଖିଯିବା କାରଣରୁ ରବିଋତୁରେ କୃଷି ପ୍ରଭାବିତ ହୋଇଛି। ନଦୀରେ ପାଣି ନଥିବା ଯୋଗୁ ଉଠାଜଳସେଚନ ପଏଣ୍ଟଗୁଡ଼ିକ କାର୍ଯ୍ୟରେ ଲାଗୁନି। ନଦୀକୂଳରେ ଥିବା ଚାଷ ଜମିଗୁଡ଼ିକରୁ ୯୦% ଜଳବିହୀନ ପଡ଼ିଛି। ଅନେକ ନଦୀକୂଳିଆ ଗାଁରେ ମଧ୍ୟ ପାନୀୟ ଜଳ ସଙ୍କଟ ଦେଖାଦେଇଛି। ଏଭଳିକି ରାୟଗଡ଼ା ସହର ପାଇଁ ନାଗାବଳୀ ନଦୀରୁ ଯେଉଁ ପାଣି ଯୋଗାଣ ହେଉଥିଲା ସେଥିରେ ବି ଅନ୍ତରାୟ ସୃଷ୍ଟି ହୋଇଛି। ନାଗାବଳୀକୁ ଯଦି ଏବେଠାରୁ ରକ୍ଷା କରାନଯାଏ, ଆଗାମୀ ଦିନରେ ଭୟଙ୍କର ପରିସ୍ଥିତି ଉପୁଜିବ। ଜଳ କମିବା ନେଇ ପରିବେଶବିତ୍ ନୀହାର ରଞ୍ଜନଙ୍କୁ ପଚାରିବାରୁ ନଦୀରୁ ବେଆଇନ ବାଲି ଓ ପଥର ଚାଲାଣ ବନ୍ଦ କରିବାକୁ ପଡ଼ିବ। ଆବଶ୍ୟକତାଠାରୁ ଅଧିକା ବାଲିଚାଲାଣ ଆନ୍ଧ୍ରପ୍ରଦେଶକୁ ହେଉଛି। ଫଳରେ ଏଭଳି ପରିସ୍ଥିତି ହେଉଛି ବୋଲି ସେ କହିଛନ୍ତି। ବର୍ଦ୍ଧିତ ଜନସଂଖ୍ୟା ହେତୁ ଘର କରିବାକୁ ଲୋକେ ନଦୀକୂଳରେ ଥିବା ଗଛ କାଟୁଛନ୍ତି। ଫଳରେ ନଦୀକୂଳ ଲଘୁଛି। ସମୟକ୍ରମେ ଓସାରିଆ ହେବାରେ ଲାଗିଛି। ଖରାଦିନେ ସେତିକି ମାତ୍ରାରେ ପାଣି ନଦୀରେ ରହୁନି। ଓସାରିଆ ନଦୀରେ ପାଣି କମ୍ ରହୁଥିବାରୁ ଖରା ପ୍ରଭାବରେ ସେଗୁଡ଼ିକ ଶୁଖିଯାଉଛି। ଲୋକେ ଏବଂ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ନଈକୂଳରେ ଚାରାରୋପଣ କରିବା ଆବଶ୍ୟକ ବୋଲି ସେ କହିଛନ୍ତି ।

## ୨କେଜି ରୁପା, ୧୦ ହଜାର ଟଙ୍କା ଚୋରି

ରାୟଗଡ଼ା,୬।୫(ସ୍ୱ.ପ୍ର.)

ରାୟଗଡ଼ା ସହରରେ ପୁଣି ଆରମ୍ଭ ହୋଇଛି ସିରିଜ୍ ଚୋରି। ଗୁରୁବାର ରାତିରେ ପୋଲିସ ଅଧିକାରୀଙ୍କ ଘରେ ଚୋରି ହୋଇଥିବା ବେଳେ ଶୁକ୍ରବାର ରାତିରେ ଜଣେ ଶିକ୍ଷକଙ୍କ ଘରେ ଚୋରି ହୋଇଛି। ପ୍ରାୟ ୨କେଜି ରୁପା ଏବଂ ୧୦ ହଜାର ଟଙ୍କା ନଗଦ ରାଶି ଚୋରି ହୋଇଥିବା ଜଣାପଡିଛି। ବିଶେଷ ଭାବେ ତାଲା ପଡ଼ିଥିବା ଘରଗୁଡ଼ିକୁ ଟାର୍ଗେଟ କରୁଛନ୍ତି ଚୋର ଗ୍ୟାଙ୍ଗ । ସୂଚନାନୁଯାୟୀ, ରାୟଗଡ଼ା ସହରସ୍ଥିତ କୋଅପରେଟିଭ କଲୋନୀ ଚତୁର୍ଥ ଗଳିରେ ରହୁଥିବା ଶିକ୍ଷକ ଦୁର୍ଗା ପ୍ରସାଦ ପଣ୍ଡାଙ୍କ ଘରୁ ଶୁକ୍ରବାର ବିଳମ୍ବିତ ରାତିରେ ଚୋରି ହୋଇଥିବା ଜଣାପଡ଼ିଛି। ଦୁର୍ଗା ସପରିବାର କୌଣସି କାମରେ ହାଇଦ୍ରାବାଦ ଯାଇଥିଲେ। ଶନିବାର ସକାଳେ ଘରକୁ ଫେରିବା ସମୟରେ ଘର ତାଲା ଭାଙ୍ଗିଥିବା ଦେଖିବାକୁ ପାଇଥିଲେ। ଏନେଇ ସେ ରାୟଗଡ଼ା ଟାଉନ ଥାନାକୁ ସୂଚନା ଦେଇଥିଲେ। ଟାଉନ ଥାନା ଏସ୍‌ଆଇ ସନ୍ଧ୍ୟା ତିର୍କୀ ଏବଂ ସଂଜୟ ଛତର ଦୁର୍ଗାଙ୍କ ଘରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଦୁର୍ଗା ଥାନାରେ ଲିଖିତ ଏତଲା ଦେଇଛନ୍ତି।

## ଅଭିଯୋଗର ୧୫ ଦିନ ପରେ ତଦନ୍ତ କଲେ ଉପଜିଲାପାଳ

**ଧର୍ମପୀଠ ଦଖଲ ଜମିକୁ ଚଞ୍ଚକତାକରି ନିଜ ନାମରେ ପଟ୍ଟା କରିଥିବା ଅଭିଯୋଗ ଘଟଣା**

ଝରିଗାଁ,୬।୫(ସ୍ୱ.ପ୍ର.)

ଜଣେ ବ୍ୟକ୍ତି କବିର ଧର୍ମପୀଠ ଦଖଲରେ ଥିବା ଜମିକୁ ଚଞ୍ଚକତାକରି ନିଜ ନାରେ ପଟ୍ଟା କରିଥିବା ଅଭିଯୋଗର ତଦନ୍ତ ଆରମ୍ଭ ହୋଇଛି। ଅଭିଯୋଗର ୧୫ ଦିନ ପରେ ଉପଜିଲାପାଳ ପ୍ରଶାନ୍ତ କୁମାର ରାଉତ ଘଟଣାସ୍ଥଳକୁ ଯାଇ ତଦନ୍ତ କରିଛନ୍ତି।

ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ ଅଧୀନ କୁସୁମୀ ଗ୍ରାମରେ କବୀର ଧର୍ମପୀଠ ପାଇଁ ଦଖଲ ସରକାରୀ ଜମି ଖାତା ନମ୍ବର –୩୦୭/୨୦୨, ପ୍ଲଟ୍ ନଂ. ୭୩୪/୧୭୩୪ ର ୦.୬୪ ଡିସିମିଲ ଜାଗାକୁ ମାନିକପୁରୀ ପନକା ସମାଜର ପୂର୍ବତନ ବ୍ଲକ ସଭାପତି ବଂଶୀଧର ପନକା ମାଆ ଧନମତୀଙ୍କ ନାମରେ ପଟ୍ଟା କରିଥିବା କବୀରପନ୍ଥୀ ପନକା ସମାଜ ଅଭିଯୋଗ ଆଣିଛି। ସେମାନେ ତହସିଲଦାର ମଧୁସୂଦନ ମାଝିଙ୍କୁ ଓ ଥାନାରେ ଅଭିଯୋଗ କରିଥିଲେ। ୪ ତାରିଖରେ ଉପଜିଲାପାଳ ତହସିଲ କାର୍ଯ୍ୟାଳୟକୁ ଆସି ସେଠାରେ ତହସିଲଦାର ଏବଂ ରେକର୍ଡ ରୁମ୍ ଦାୟିତ୍ୱରେ ରହିଥିବା ସମସ୍ତ କର୍ମଚାରୀଙ୍କ ସହ ଆଲୋଚନା କରି କାଗଜପତ୍ର ଯାଞ୍ଚ କରିଥିଲେ। ଉପଜିଲାପାଳ ଓ ତହସିଲଦାର କୁସୁମୀ ଗ୍ରାମ ସ୍ଥିତ କବିର ଧର୍ମପୀଠ ଜାଗାକୁ ଯାଇ ଗ୍ରାମବାସୀ ଏବଂ ଅଭିଯୋଗକାରୀଙ୍କୁ ପଚରଉଚରା କରିଥିଲେ। ତଦନ୍ତ ପ୍ରକ୍ରିୟା ଜାରି ରହିଛି। ତଦନ୍ତ ଶେଷ ହେବାପରେ ଅତିଶୀଘ୍ର ଧର୍ମପୀଠ ଜାଗା ଫେରିପାଇବ ବୋଲି ଉପଜିଲାପାଳ କହିଥିବା ମାନିକପୁରୀ ପନକା ସମାଜର କର୍ମକର୍ତ୍ତା କହିଛନ୍ତି । ଏ ନେଇ ଉପଜିଲାପାଳଙ୍କୁ ଯୋଗାଯୋଗ କରିବାରୁ ଘଟଣା ସମ୍ପର୍କରେ ତଦନ୍ତ ଚାଲୁଛି ବୋଲି ସେ କହିଛନ୍ତି।



ଉପଜିଲାପାଳ ଓ ଅନ୍ୟ ଅଧିକାରୀମାନେ କୁସୁମୀସ୍ଥିତ କବୀର ଧର୍ମପୀଠ ନିକଟରେ ତଦନ୍ତ କରୁଛନ୍ତି।

## ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

ନବରଙ୍ଗପୁର,୬।୫(ବି.ପ୍ର.)

ଅବିଭକ୍ତ କୋରାପୁଟ ଜିଲା ମୂଳ ନିବାସୀ ବିକାଶ ପରିଷଦ ଅଧକ୍ଷ ଚନ୍ଦ୍ରଧ୍ୱଜ ମାଝି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଅବିଭକ୍ତ କୋରାପୁଟ ଜିଲାରେ କୋରାପୁଟ, ରାୟଗଡ଼ା, ନବରଙ୍ଗପୁର ଓ ମାଲକାନଗିରି ଜିଲା ଅଛନ୍ତି। ଏଠାରେ ଶିକ୍ଷା ବିଭାଗରେ ନକଲି ସାର୍ଟିଫିକେଟ ଦେଇ ଚାକିରି କରି ଆସୁଥିବା ନକଲିଶିକ୍ଷୟିତ୍ରୀ ଶିକ୍ଷକଙ୍କ ବିରୋଧରେ ତଦନ୍ତ କରିବାକୁ ଉକ୍ତ ଦାବିପତ୍ରରେ ଉଲ୍ଲେଖ ରହିଛି। ଅବିଭକ୍ତ କୋରାପୁଟ ଜିଲାରେ ୨୦୧୧ରୁ ବାହାର ଜିଲାର ଶତାଧିକ ଶିକ୍ଷୟିତ୍ରୀ ଶିକ୍ଷକ ନିଯୁକ୍ତି ପାଇ ବିଭିନ୍ନ ବିଦ୍ୟାଳୟରେ ଚାକିରି କରୁଛନ୍ତି। ସେମାନଙ୍କ ମଧ୍ୟରୁ ଅଧିକାଂଶଙ୍କ ନକଲି ଶିକ୍ଷାଗତ ଯୋଗ୍ୟତାର ପ୍ରମାଣପତ୍ର ରହିଛି। ଏହାର ତଦନ୍ତ ଠିକ୍ ଭାବେ କରାଯାଉନାହିଁ। ଏବେ ସରକାର ନକଲି ସାର୍ଟିଫିକେଟର ଧରପଗଡ କରୁଥିବାବେଳେ ଏଠାରେ କାର୍ଯ୍ୟରତ ଶତାଧିକ ଶିକ୍ଷକଙ୍କ ଶିକ୍ଷାଗତ ଯୋଗ୍ୟତାର ପ୍ରମାଣପତ୍ର ଯାଞ୍ଚ କରିବାକୁ ପରିଷଦ ଦାବି କରିଛି।

## ଜିଲା ତଦାରଖ କମିଟି ବୈଠକ

ରାୟଗଡ଼ା ଅଫିସ/ ରାୟଗଡ଼ (ସ୍ୱ.ପ୍ର.) ,୬।୫



ଜିଲାପାଳ ୟୁନିୟନ ବ୍ୟାଙ୍କ ଶାଖା ପରିଚାଳକଙ୍କୁ ପୁରସ୍କୃତ କରୁଛନ୍ତି।

ରାୟଗଡ଼ା ଜିଲା ଶିଳ୍ପକେନ୍ଦ୍ର ପକ୍ଷରୁ ସ୍ଥାନୀୟ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ପ୍ରଧାନମନ୍ତ୍ରୀ ରୋଜଗାର ସୃଷ୍ଟି କାର୍ଯ୍ୟକ୍ରମ ଓ ପ୍ରଧାନମନ୍ତ୍ରୀ ଅଣୁ ଖାଦ୍ୟ ପ୍ରକ୍ରିୟାକରଣ ବୈଧିକରଣ ଯୋଜନାର ଜିଲାସ୍ତରୀୟ ତଦାରଖ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ସ୍ୱଧା ଦେବ ସିଂଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଜିଲା ଶିଳ୍ପକେନ୍ଦ୍ର ସାଧାରଣ ପରିଚାଳକ ବିକାଶ ଚନ୍ଦ୍ର ବୈନ, ଜିଲା ଅଗ୍ରଣୀ ବ୍ୟାଙ୍କ ଅଧିକାରୀ ମୀନକେତନ ଦାଶ, ଓର୍ମାସ ଉପ କାର୍ଯ୍ୟନିର୍ବାହୀ ଅଧିକାରୀ ମନୋଜ ପାତ୍ର, ଜିଲା ଉଦ୍ୟାନ କୃଷି ଉପନିର୍ଦ୍ଦେଶକ ପତିତପାବନ ସାମନ୍ତରାୟ, ଏସ୍‌ଟି/ଏସ୍‌ସି କମିଶନ ପ୍ରତିନିଧି ଅକ୍ଷୟ କୁମାର ସାହୁ, ଜିଲା ଶିଳ୍ପ ତାଲିମ କେନ୍ଦ୍ରର ଅଧକ୍ଷ, ସ୍ଥାନୀୟ ଅଣୁ କ୍ଷୁଦ୍ର ମାଧ୍ୟମ ଉଦ୍ୟୋଗ ସୁବିଧା ପ୍ରଦାନ କେନ୍ଦ୍ରର ଉପନିର୍ଦ୍ଦେଶକ ନୋଶିନା କୋଟିରତ୍ନମ, ଜୀବିକା ମିଶନ ଜିଲା ପ୍ରତିନିଧି, ୩ ଜଣ ପଞ୍ଚାୟତିରାଜ ଲୋକ ପ୍ରତିନିଧି ଉପସ୍ଥିତ ଥିଲେ। ବୈଠକରେ ବିଭିନ୍ନ ବିଷୟରେ ଆଲୋଚନା କରାଯାଇ ୯ଜଣଙ୍କୁ ବ୍ୟକ୍ତିଗତ ଋଣ ଓ ଗୋଟିଏ ଏସ୍‌ଏଚ୍‌ଜିର ଋଣ ପ୍ରସ୍ତାବକୁ ବ୍ୟାଙ୍କ ପ୍ରେରଣ ନିମନ୍ତେ ଅନୁମୋଦନ କରାଗଲା। ଏହି ଅବସରରେ ୨୦୨୨–୨୩ ଆର୍ଥିକ ବର୍ଷ ନିମନ୍ତେ ଋଣ ପ୍ରଦାନରେ ଉତ୍କର୍ଷ ଦେଖାଇଥିବା ରାୟଗଡ଼ାର ୟୁନିୟନ ବ୍ୟାଙ୍କ, ସେଣ୍ଟ୍ରାଲ ବ୍ୟାଙ୍କ , ରାମନାଗୁଡ଼ାର ଷ୍ଟେଟ ବ୍ୟାଙ୍କ ଶାଖା ପରିଚାଳକମାନଙ୍କୁ ଜିଲା ପ୍ରଶାସନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଜିଲା ଶିଳ୍ପକେନ୍ଦ୍ରର ଶିଳ୍ପ ବିକାଶ ଅଧିକାରୀ ସବ୍ୟସାଚୀ ସାହୁ, ଚିତ୍ତରଞ୍ଜନ ମଲ୍ଲିକ, ଦେବାଶିଷ ମହାନ୍ତି, ସୁନୀଲ ପଟ୍ଟନାୟକ, ସୁବ୍ରତ କୁମାର ପଟ୍ଟନାୟକ, ଅଂଶୁମାନ ବେହେରା, ଦୀପାର ପଦାଧିକାରୀ, ସୁନୀଲ ପ୍ରଧାନ ଏବଂ ଲକ୍ଷ୍ମୀକାନ୍ତ ଜେନା ସଭା ପରିଚାଳନାରେ ସହଯୋଗ କରିଥିଲେ।

## ଆଦିବାସୀଙ୍କ ଜମି ହଡ଼ପ ବନ୍ଦ ଦାବି

ଗୁଣପୁର,୬।୫(ଡି.ଏନ୍.ଏ.)

ରାୟଗଡା ଜିଲା ଗୁଣପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେରେ ଶନିବାର ଆଦିବାସୀ ସଂଘର୍ଷ ମୋର୍ଚ୍ଚା ପକ୍ଷରୁ ପ୍ରତିବାଦ ଦିବସ ପାଳନ କରାଯାଇଛି। କର୍ପୋରେଟମାନେ ଆଦିବାସୀଙ୍କ ଜମି ହଡ଼ପ ବନ୍ଦ କରିବା, ଜଙ୍ଗଲ ଉଚ୍ଛେଦ ଆଇନ୍ ୨୦୨୨କୁ ବାତିଲ, ଆଦିବାସୀ ସଉରା ଭାଷା ଓ ଲିପିକୁ ସାମ୍ବିଧାନିକ ଅଧିକାର ଭଳି ୧୫ ଦଫା ଦାବି ନେଇ ପ୍ରତିବାଦ ଦିବସ ପାଳନ କରାଯାଇଛି। ସ୍ଥାନୀୟ ନୂଆ ବସ ଷ୍ଟାଣ୍ଡରୁ ଏକ ଶୋଭାଯାତ୍ରା ବାହାରି ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲା। ଆଦିବାସୀ ସଂଘର୍ଷ ମୋର୍ଚ୍ଚାର କେନ୍ଦ୍ରୀୟ କମିଟି ସଦସ୍ୟ ତ୍ରିପତି ଗମାଙ୍ଗଙ୍କ ନେତୃତ୍ୱରେ ଶତାଧିକ ଦଳୀୟ କର୍ମୀ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ପ୍ରତିବାଦ କରିଥିଲେ। ସେଠାରେ ପ୍ରତିବାଦ ସଭା କରିବା ପରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ୧୫ ଦଫା ଦାବି ସମ୍ବଳିତ ଏକ ସ୍ମାରକ ପତ୍ର ଉପଜିଲାପାଳ ଲଳିତ କୁମାର କହଁରଙ୍କୁ ପ୍ରଦାନ କରାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ଅନାସିମ ଶବର, ସମ୍ବରା ଶବର, ମୀନ ଶବର, କୈଳାସ ଶବର, ଜାକବ ମାଝି, ଡିସନ ଗମାଙ୍ଗ, ସାଇମା ଶବର, ମୁନି ଶବର, ରାଇନା ଶବର, ଜୁନେଶ ଗମାଙ୍ଗ, ପ୍ରକାଶ ମାଝି, ନିଳାଦ୍ରୀ ମାଝି, ଜେମସ ଶବର, ବୃନ୍ଦାବନ ବିଡ଼ିକା, ଡାନିଏଲ ଶବର, ରାଜେନ୍ଦ୍ର ମାଝି, ହର୍ଷା ନନ୍ଦ ଲିମା ପ୍ରମୁଖ ଉପସ୍ଥିତ ଥିଲେ।





ଆଦିବାସୀ ସଂଘର୍ଷ ମୋର୍ଚ୍ଚା ସଦସ୍ୟମାନେ ପ୍ରତିବାଦ କରୁଛନ୍ତି।

## ମହିଳାଙ୍କ ଝୁଲନ୍ତା ମୃତଦେହ ଜବତ

ଡାବୁଗାଁ, ୬।୫ (ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ଡାବୁଗାଁ ଥାନା ଅଧୀନ କେନ୍ଦୁଗୁଡା ଗ୍ରାମରେ ଜଣେ ମହିଳାଙ୍କ ଝୁଲନ୍ତା ମୃତଦେହ ମିଳିଛି। ମୃତକ ହେଲେ ଗାଁର ସୁବାସ ମୁଲିଆଙ୍କ ସ୍ତ୍ରୀ ସନବାରି ମୁଲିଆ (୪୦) । ଏ ନେଇ ଶନିବାର ଡାବୁଗାଁ ଥାନାରେ ଅଭିଯୋଗ ହୋଇଛି। ସନବାରି ସକାଳୁ ଘରୁ ବାହାରକୁ ଚାଲିଯାଇଥିଲେ। ବହୁତ ସମୟ ଧରି ଘରକୁ ନ ଫେରିବାରୁ ପରିବାର ଲୋକେ ଖୋଜାଖୋଜି କରିଥିଲେ। ଗ୍ରାମ ପାଖରେ ଥିବା କାଜୁ ବଗିଚା ମଧ୍ୟରେ ସନବାରିଙ୍କ ମୃତଦେହ ସ୍ଥାନୀୟ ଲୋକେ ଦେଖି ତାଙ୍କ ପରିବାର ଲୋକଙ୍କୁ କହିଥିଲେ। ଏନେଇ ମୃତକଙ୍କ ସ୍ୱାମୀ ସୁବାସ ଡାବୁଗାଁ ଥାନାରେ ଏତଲା ଦେଇଥିଲେ। ଉକ୍ତ ଏତଲାକୁ ଭିତ୍ତି କରି ଥାନା ସବ୍‌ଇନ୍‌ସ୍ପେକ୍ଟର ଚନ୍ଦନ ସାହୁ ଓ ସିଏଏସ୍‌ଆଇ ଶାନ୍ତିଲତା ବାରିକ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏନେଇ କେସ ନଂ ୧୭/୨୩ରେ ଏକ ଅପମୃତ୍ୟୁ ମାମଲାରୁଜୁ କରାଯାଇଛି।

## ଅଧାପନ୍ତରିଆ କାମରେ ଲୋକାର୍ପିତ ହେଲା ରୂପାନ୍ତରିତ ସ୍କୁଲ

ତେନ୍ତୁଳିଖୁଣ୍ଟି/ନବରଙ୍ଗପୁର, ୬।୫(ଡି.ଏନ୍.ଏ./ବି.ପ୍ର.)



ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକର ତେନ୍ତୁଳିଖୁଣ୍ଟି ବାପୁଜୀ ସରକାରୀ ଉଚ୍ଚ ବିଦ୍ୟାଳୟ, ଦିବ୍ୟ ହୃଦୟ ବାଳିକା ଉଚ୍ଚ ବିଦ୍ୟାଳୟ, ଦିଗି ସଲପାର ଶିବ ପ୍ରସାଦ ଉଚ୍ଚ ବିଦ୍ୟାଳୟ, କୁକୁଡ଼ାବାଇ ସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟ, କାମତାସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟକୁ ରୂପାନ୍ତରିତ ସ୍କୁଲ ଭାବେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଲୋକାର୍ପଣ କରିଛନ୍ତି। କିନ୍ତୁ କୌଣସି ବିଦ୍ୟାଳୟର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇନାହିଁ। ଦିଗି ସଲପାର ବିଦ୍ୟାଳୟ ପରିଚାଳନା କମିଟି କାମ ସମ୍ପୂର୍ଣ୍ଣ ନ କରି ଉଦ୍‌ଘାଟନ କାହିଁକି କରାଯାଉଛି ବୋଲି ପ୍ରଶ୍ନ କରିବା ସହ କାର୍ଯ୍ୟକ୍ରମ ବନ୍ଦ କାରିବାକୁ ଦାବିପତ୍ର ପ୍ରଧାନ ଶିକ୍ଷକଙ୍କୁ ଦେଇଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ତେନ୍ତୁଳିଖୁଣ୍ଟି ସଦର ବାପୁଜୀ ସରକାରୀ ଉଚ୍ଚ ବିଦ୍ୟାଳୟ ରୂପାନ୍ତରିତ ହୋଇଥିଲା। ଏହାର ସମ୍ମୁଖ ଫାଟକ କାମ ସରି ନ ଥିବାବେଳେ ଲୋକାର୍ପଣ ନେଇ ଅସନ୍ତୋଷ ପ୍ରକାଶ ପାଉଛି। ନିର୍ମାଣ କାର୍ଯ୍ୟ ନିମ୍ନମାନର ଅଭିଯୋଗ ହେଉଛି। ବିଦ୍ୟାଳୟକୁ ଯୋଗାଇ ଦିଆଯାଇଥିବା ସ୍ମାର୍ଟ ବୋର୍ଡ ଆଣ୍ଡ୍ରଏଡ ୭ ର ହୋଇଥିବାବେଳେ ବର୍ତ୍ତମାନ ଆଣ୍ଡ୍ରଏଡ ୧୩ର ଯୁଗ। ଏହା କି ପ୍ରକାର ଆଧୁନିକତା ବୋଲି ପ୍ରଶ୍ନ ହେଉଛିପ କମ୍ପ୍ୟୁଟର ମଧ ଯୁଗ ସହ ଖାପ ଖାଉ ନ ଥିବା ଓ ବଜାର ଦରରୁ ଉଚ୍ଚ ଦର ରେ ଯୋଗା ଯାଇଥିବା ଅଭିଯୋଗ ହେଉଛି। ଏ ସବୁର ତଦନ୍ତ କରିବାକୁ ଦାବି ହୋଇଛି। କାର୍ଯ୍ୟକ୍ରମରେ ପ୍ରତ୍ୟେକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କନିଷ୍ଠ ଯନ୍ତ୍ରୀ ଉପସ୍ଥିତ ଥିଲେ।

# ୭୬ ରୂପାନ୍ତରିତ ହାଇସ୍କୁଲ ଲୋକାର୍ପିତ

ନବରଙ୍ଗପୁର,୬।୫ (ବି.ପ୍ର.)

୫–ଟି ଉପକ୍ରମରେ ହାଇସ୍କୁଲ ରୂପାନ୍ତରଣ ମାଧ୍ୟମରେ ନବରଙ୍ଗପୁର ଜିଲାରେ ତୃତୀୟ ପର୍ଯ୍ୟାୟରେ ୭୬ଟି ହାଇସ୍କୁଲ ରୂପାନ୍ତରିତ କରାଯାଇଛି। ଭିଡିଓ କନ୍‌ଫରେନ୍ସରେ ଶନିବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହାକୁ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ୫ଟି ସଚିବ ଭି.କେ. ପାଣ୍ଡିଆନ ସ୍ୱାଗତ ଭାଷଣ ପରିବେଷଣ କରିଥିଲେ। ସ୍ଥାନୀୟ ମ୍ୟୁନିସିପାଲଟି ହାଇସ୍କୁଲରେ ଏହି ଉପଲକ୍ଷେ ଏକ କାର୍ଯ୍ୟକ୍ରମ କରାଯାଇଥିଲା। ରୂପାନ୍ତରିତ ହୋଇଥିବା ମୋଟ ୭୬ଟି ସ୍କୁଲରେ ସ୍କୁଲର ରୂପାନ୍ତରିକରଣ ଉପରେଏକ କ୍ଷୁଦ୍ର ଚଳଚିତ୍ର ପ୍ରଦର୍ଶନ କରାଯାଇଛି। ଜିଲାପାଳ କମଳ ଲୋଚନ ମିଶ୍ର ଉପସ୍ଥିତ ଅତିଥିଙ୍କୁ ସ୍ୱାଗତ କରିଥିଲେ। ପୁରାତନ ଓ ବର୍ତ୍ତମାନର ଛାତ୍ରୀଛାତ୍ରମାନେ ଅଭିଜ୍ଞତା ସାଉଣ୍ଟିଥିଲେ। ସ୍ମାର୍ଟ କ୍ଲାସରୁମ ହେବା ଦ୍ୱାରା ପାଠ ଅତି ସହଜରେ ବୁଝି ପାରୁଛୁ। କମ୍ପ୍ୟୁଟର ପରିଚାଳନା, ବିଜ୍ଞାନ ଲ୍ୟାବ ଦ୍ୱାରା ବିଜ୍ଞାନ ସମ୍ବନ୍ଧୀୟ ବିଭିନ୍ନ ପରିକ୍ଷଣ କରି ଅଧିକ ଜ୍ଞାନ ଆହରୋଣ କରୁଛୁ। ପାଠ ପଢିବାରେ ସୁସ୍ଥ ବାତାବରଣ ସୃଷ୍ଟି ହୋଇ ପାରିଛି ବୋଲି ଏ ନେଇ ନବରଙ୍ଗପୁର ମ୍ୟୁନିସିପାଲଟି ହାଇସ୍କୁଲ ଦଶମ ଶ୍ରେଣୀ ଛାତ୍ରୀ ବୈଷ୍ଣବୀ ହରିଜନ କହିଛନ୍ତି। ଏନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଛାତ୍ରୀ ବୈଷ୍ଣବୀ ହରିଜନଙ୍କୁ ଭବିଷ୍ୟତରେ କ'ଣ ହେବାକୁ ଚାହୁଁଛ ବୋଲି ପ୍ରଶ୍ନ ପଚାରିଥିଲେ। ଛାତ୍ରୀ ଜଣକ ଡାକ୍ତର ହେବି ବୋଲି ଉତ୍ତର ରଖିଥିଲେ। ଏହି ଅବସରରେ ନବରଙ୍ଗପୁର ଜିଲା ଯୋଜନା ବୋର୍ଡ ଅଧକ୍ଷ ତଥା ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ ଶିକ୍ଷା ହେଉଛି ବିକାଶର ଚାବିକାଠି ବୋଲି କହି ଏକ କବିତା ମାଧ୍ୟମରେ ବିଭିନ୍ନ ଜନ କଲ୍ୟାଣ ଯୋଜନା ଉପସ୍ଥାପନ କରି ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଥିଲେ। କାର୍ଯ୍ୟକ୍ରମରେ ନବରଙ୍ଗପୁର ବିଧାୟକ ସଦାଶିବ ପ୍ରଧାନୀ, ଝରିଗାଁ ବିଧାୟକ ପ୍ରକାଶ ଚନ୍ଦ୍ର ମାଝି, ଜିଲା ପରିଷଦ ଉପାଧକ୍ଷ ଲିପିକା ବାରୋଇ, ଉପଜିଲାପାଳ ପ୍ରଶାନ୍ତ ରାଉତ, ରାସ୍ତା ଓ ଗୃହ ନିର୍ମାଣ ବିଭାଗ ନିର୍ବାହୀ ଯନ୍ତ୍ରୀ ପ୍ରଫୁଲ୍ଲ ମିଶ୍ର, ଡିଇଓ ପ୍ରଦୀପ ନାଗ, ନନ୍ଦାହାଣ୍ଡି ବିଡିଓ କ୍ଷୀରୋଦ ଚନ୍ଦ୍ର ସାହୁ, ନବରଙ୍ଗପୁର ବିଡିଓ ଶିବ ପ୍ରସାଦ ପଟ୍ଟନାୟକ, କୋଷାଗୁମୁଡା ବିଡିଓ ସୁକାନ୍ତ ପଟ୍ଟନାୟକଙ୍କ ସମେତ ଝରିଗାଁ, ପାପଡାହାଣ୍ଡି, ଉମରକୋଟ ଓ ରାଇଘର ବିଡିଓ, ୭୬ଟି ହାଇସ୍କୁଲର ବହୁ ଛାତ୍ରୀ ଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ଥିଲେ। ଛାତ୍ରୀଛାତ୍ରଙ୍କୁ ନେଇ ଲୋକ ନୃତ୍ୟ କାର୍ଯ୍ୟକ୍ରମ କରାଯାଇଛି।





ନବରଙ୍ଗପୁରଠାରେ ଆୟୋଜିତ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ଓ ଅନ୍ୟମାନେ।

## ବୁଝାଇଲା ପ୍ରଶାସନ, ହଟିଲା ଧାରଣା



ସ୍କୁଲ ପରିଚାଳନା କମିଟି ସଦସ୍ୟଙ୍କ ସହ ପ୍ରଶାସନିକ ଅଧିକାରୀ ଆଲୋଚନା କରୁଛନ୍ତି।

**ଧାରଣା ହଟିବା ପରେ କରାଗଲା ରୂପାନ୍ତରିତ ସ୍କୁଲର ଉଦ୍‌ଘାଟନ**

ରାଇଘର, ୬।୫(ଡି.ଏନ୍.ଏ.)

ରାଇଘର ପଞ୍ଚାୟତ ସମିତି ଅଧୀନରେ ଥିବା ଡୁମୁରିମୁଣ୍ଡା ଡିଏନ୍‌କେରେ ଥିବା ଇନ୍ଦିରା ଗାନ୍ଧୀ ଉଚ୍ଚ ବିଦ୍ୟାଳୟରେ ୫–ଟି ଯୋଜନାରେ ବିଦ୍ୟାଳୟ ରୂପାନ୍ତରିକରଣ ପାଇଁ କିଣାଯାଇଥିବା ଉପକରଣ ନିମ୍ନମାନର ବୋଲି ଅଭିଯୋଗ କରିଛି ବିଦ୍ୟାଳୟ ପରିଚାଳନା କମିଟି ଶୁକ୍ରବାର ଅପରାହ୍ନରେ ସ୍କୁଲ ଫାଟକରେ ତାଲା ପକାଇଥିଲେ। ଶନିବାର ସକାଳେ ବିଡିଓ ଦେବାଶିଷ କରଙ୍କ ସହ ବ୍ଲକ ଅଧକ୍ଷା ନବୀନା ନାୟକ ସେଠାରେ ପହଞ୍ଚି ସେମାନଙ୍କୁ ବୁଝାଶୁଝା କରିଥିଲେ। କିଣା ଯାଇଥିବା ସାମଗ୍ରୀ ସବୁ ବଦଳାଯାଇ ନୂତନ ସାମଗ୍ରୀ ଆସିବା କଥା କହିବା ପରେ କମିଟି ସଭାପତି କୁମୁଦ ରଞ୍ଜନ ବିଶ୍ୱାସ, ଦୀପଙ୍କର ମଣ୍ଡଳ, ସରପଞ୍ଚ ଚରଣ ଗଣ୍ଡ, ସୁରଜ ରାୟ, ନୀଳକାନ୍ତ ବିଶ୍ୱାସ, ସୁଶୀଲ ବିଶ୍ୱାସ ସ୍କୁଲରୁ ତାଲା ଖୋଲିଥିଲା। ଏହାପରେ ୫–ଟି ବିଦ୍ୟାଳୟର ଶୁଭ ଉଦ୍‌ଘାଟନ କରାଯାଇଥିଲା।

